୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.61 Bhubaneswar Wednesday April 10 2024 ୨୬ତମ ବର୍ଷ ସଂଖ୍ୟା-୬୧ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୧୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ନିର୍ବାଚନୀ ସମୟରେ ଫ୍ଲାଇଂ ସ୍କ୍ୱାଡ ଧରିଲା ନଗଦ ଟଙ୍କା: ଓଡିଶାରୁ ଛତିଶଗଡ ହେଉଥିଲା ଚାଲାଣ

ମାଲକାନଗିରି,୯ ।୪(ପି.ଏନ): ବିଧାନସଭା ଓ ଲୋକ ସଭା ନିର୍ବାଚନକୁ ନେଇ ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଦଳ ଓ ଲୋକଙ୍କ ଗତିବିଧି ଉପରେ କଡାକଡି ଯାଞ୍ଚ କରାଯାଉଛି। ଅନ୍ୟପଟେ ଛତିଶଗଡରେ ମଧ ଲୋକସଭା ନିର୍ବାଚନକୁ ନେଇ ସୁରକ୍ଷାକୁ କଡାକଡି କରିବା ସହ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଚାଲାଣଗୁଡା ନିକଟରେ ଫ୍ଲାଇଂ ସ୍କ୍ୱାଡର ମାଜିଷ୍ଟ୍ରେଟ ଦାୟୀତ୍ୱରେ ଥିବା ସହାୟକ ଜିଲ୍ଲାପାଳ ଅଲେଖ ଭୋଇଙ୍କ ନେତୃତ୍ୱରେ ପେଟ୍ରୋଲିଂ ଚାଲୁଥିଲା। ଏହି ସମୟରେ ଓଡିଶାରୁ ଏକ ସଫାରି (ସିଜି-୧୮-ଏଲ-୫୫୫୦) ମାଲକାନଗିରିରୁ ଛତିଶଗଡ ଯାଉଥିବା ବେଳେ ଯାଞ୍ଚ କରାଯାଇଥିଲା। ଏହି ଗାଡିରୁ ନଗଦ ୩ ଲକ୍ଷ ୭୦ ହଜାର ଟଂକା ବାହାରିଥିଲା। ଏହି ଟଂକାକୁ



ମାଲକାନଗିରିର ଜନୈକ ଡ୍ରାଇଭର ଚିତ୍ତୁରାମ ଠାକୁର ଏବଂ ଅନ୍ୟଜଣେ ଜଶରାଜ ଭୁତଡା ନେଉଥିବା ପୁଲିସ କହିଛି। ଏମାନେ ମାଲକାନଗିରି ଅଂଚଳର ଜଣେ ବୈବସାୟୀ ବୋଲି ଜଣାପଡିଛି। ନିର୍ବାଚନୀ ସମୟରେ ଏତେ ଟଂକା ନେଇ କୁଆଡେ ଯାଉଥିଲ ବୋଲି ପୁଲିସ ପଚରାଉଚରା କରିବା ପରେ ମଧ ଏମାନେ ଠିକ ଉତ୍ତର ଦେଇପାରିନଥିଲେ। ତେଣୁ ଟଂକା ଜବତ କରାଯିବା ସହ ଏମାନଙ୍କୁ ଅଟକ ରଖାଯଇଥିବା ଜଣାପଡିଛି। ମାଲାକନଗିରି ପୁଲିସ ଏନେଇ ତଦନ୍ତ କରୁଥିବା କୁହାଯାଇଛି।

## କାହା ମୁଣ୍ଡରେ ସୁନା କଳସ ଢାଳିବେ ବିଜେଡ଼ି ସୁପ୍ରିମୋ ?

ଭୁବନେଶ୍ୱର,୯ ।୪ (ପି.ଏନ): ଇତି ମଧ୍ୟରେ ବିଜେଡି ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିସାରିଲାଣି। ହେଲେ ଆଜି ପର୍ଯ୍ୟନ୍ତ ବାଲିଗୁଡା ନିର୍ବାଚନମଣ୍ଡଳୀର ଯୁଦ୍ଧାଙ୍କ ନାଁ ଘୋଷଣା କରୁନି ବିଜେଡି। ଯେଉଁଥିପାଇଁ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ବଢୁଛି। ସେପଟେ ଦେଖିବାକୁ ଗଲେ ପ୍ରାର୍ଥୀ ହେବା ପାଇଁ ୩ ଜଣ ଆଶାୟୀ ଗୋଡ କା? ବସିଛନ୍ତି। ତେଣୁ ବିଦ୍ରୋହ ଭୟରେ ବିଜେଡି ପ୍ରାର୍ଥୀ ଚୟନ କରିବାରେ ବିଳମ୍ବ କରୁଥିବା ଆଲୋଚନା ହେଉଛି। କନ୍ଧମାଳ ଜିଲ୍ଲାରେ ୩ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ସେଥିମଧ୍ୟରୁ ଫୁଲବାଣୀ ଓ ଜି.ଉଦୟଗିରି ପାଇଁ ପ୍ରାର୍ଥୀ ଘୋଷଣା କରିଛି ବିଜେଡି। ହେଲେ ବାଲିଗୁଡା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ। ଯେଉଁଥିପାଇଁ ଅଶାୟୀଙ୍କ ମଧ୍ୟରେ ବ୍ୟଗ୍ରତା ବ?ିବାରେ ଲାଗିଛି। ସେପଟେ ଦେଖିବାକୁ ଗଲେ







ବାଲିଗୁଡା ପାଇଁ ବିଜେଡିରୁ ୩ ଜଣ ଆଶାୟୀ ଅଛନ୍ତି। ଟିକେଟ ଲବିରେ ବିଜେଡି ବିଧାୟକ ଚକ୍ରମଣି କଂହର, ପୂର୍ବତନ ବିଜେଡି ବିଧାୟକ ରାଜୀବ ପାତ୍ର ଓ କ୍ଳେଶ ପ୍ରଧାନ ରହିଛନ୍ତି। ଏହି ୩ ଅଶାୟୀଙ୍କ ମଧ୍ୟରୁ ସବୁଠୁ ଆଗରେ ରହିଛନ୍ତି ବିଜେଡି ବିଧାୟକ ଚକ୍ରମଣି କଂହର। ତାଙ୍କ ପଛକୁ ରାଜୀବ ପାତ୍ର ରହିଥିବା ବେଳେ କଂଗ୍ରେସରୁ ଆସି ବିଜେଡ଼ିରେ ଯୋଗଦେଇଥିବା କ୍ଳେଶ ପ୍ରଧାନ ମଧ ଟିକେଟ ପାଇବା ଲାଗି ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି।

## ଏନକାଉଣ୍ଟରକୁ ମାଓବାଦୀଙ୍କ ବିରୋଧ, ଆସନ୍ତା ୧୫ରେ ୫ଟି ରାଜ୍ୟରେ ବନ୍ଦ ଡାକରା

ମାଲକାନଗିରି,୯ ।୪(ପି.ଏନ): ଆସନ୍ତା ୧୫ ତାରିଖରେ ୪ଟି ରାଜ୍ୟରେ ମାଓବାଦୀଙ୍କ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି । ଏନକାଉଣ୍ଟରକୁ ବିରୋଧ କରି ଏକ ଲିଖିତ ଚିଠି ମାଧ୍ୟମରେ ମାଓ ସଂଗଠନ ପକ୍ଷରୁ ବନ୍ଦ ଡାକରା ପାଇଁ ସୂଚନା ଦିଆଯାଇଛି । ଗତ ୩ ମାସରେ ୫୦ ମାଓବାଦୀଙ୍କ ମୃତ୍ୟୁ, ୨୨ ଦିନରେ ୧୫ ସାଥିଙ୍କ ହତ୍ୟା ଅଭିଯୋଗ ଆଣିଛି ମାଓ ସଂଗଠନ । ଓଡିଶା ସମେତ ୪ଟି ରାଜ୍ୟ ଯଥା ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ଏହି ବନ୍ଦ ଡାକରା ଦିଆଯାଇଛି ।ଦେଶର ବିଭିନ୍ନ ମାଓପ୍ରବଣ ରାଜ୍ୟରେ ବିଶେଷ କରି ଓଡିଶା ଛତିଶଗଡ ସୀମାରେ ଭାରତୀୟ ଯବାନ ଓ ପୋଲିସ ସବୁଠୁ ଅଧିକ ଏନକାଉଣ୍ଟର କରିଛନ୍ତି । ଯାହାକୁ ବିରୋଧ କରି ପ୍ରେସ୍ ବିଜ୍ଞପ୍ତି ଜରିଆରେ ବନ୍ଦ ଡାକରା ଦେଇଛି ମାଓବାଦୀଙ୍କ ରିଜନାଲ ବ୍ୟୁରୋ । ଏହି ଅପରେସନ ପ୍ରତିବାଦରେ ମାଓବାଦୀଙ୍କ ପକ୍ଷରୁ ଓଡିଶା, ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ର ଓ ମହାରାଷ୍ଟ୍ରରେ ବନ୍ଦ ଡାକରା ଦିଆଯାଇଛି । ସେପଟେ ମାଓବାଦୀଙ୍କ ବନ୍ଦ ଡାକରା ପରେ ସଜାଗ ହୋଇଛନ୍ତି ଯବାନ ଓ ପୋଲିସ । କମ୍ବିଂ ଅପରେସନ ସହ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି ।

## ରମାଦେବୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ସମୟ ବଦଳିଲା

ଭୁବନେଶ୍ୱର,୯ ।୪(ପି.ଏନ): ରାଜ୍ୟରେ ଏବେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଛି । ଗତ ୫ ତାରିଖ ଦିନ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ପାଖାପାଖି ୪୪ ଡିଗ୍ରୀରେ ପହଞ୍ଚିବା ସହିତ ଏସିଆର ଷଷ୍ଠ ଉତ୍ତପ୍ତ ସହର ପାଲଟିଥିଲା । ପ୍ରବଳ ଖରା କାରଣରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଙ୍ଗନବାଡି, ସ୍କୁଲ ସମୟ ପରିବର୍ତ୍ତନ କରାଯାଇଛି । ଛୋଟ ପିଲାଙ୍କ ସୁବିଧା ପାଇଁ ସକାଳୁଆ ସ୍କୁଲ କରାଯାଇଛି । ତେବେ ଏହା ମଧ୍ୟରେ ପ୍ରଚଣ୍ଡ ରୌଦ୍ର କାରଣରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ସମୟରେ ପରିବର୍ତ୍ତନ କରାଯାଇଛି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସ୍ନାତକର ଷଷ୍ଠ ସେମିଷ୍ଟର ପରୀକ୍ଷା ଟାଇମିଂରେ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଏବେ ୮ଟାରୁ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରବଳ ଖରା କାରଣରୁ ପରୀକ୍ଷା ସମୟ ପରିବର୍ତ୍ତନ କରଯାଇଛି । ତେବେ ପରୀକ୍ଷା ସୂଚୀ ଓ ତାରିଖ ଅପରିବର୍ତ୍ତିତ କରିବ । ପୂର୍ବ ସୂଚୀ ଅନୁଯାୟୀ ଏପ୍ରିଲ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସ୍ନାତକ ପରିଷଦ ଅଧକ୍ଷ ଓ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର ଅଧକ୍ଷମାନଙ୍କୁ ଏ ବାବଦରେ ଅବଗତ କରାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷା ସମୟ ପରିବର୍ତ୍ତନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ତେଣୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ରାଜ୍ୟ ସରକାର ଲାଗୁ କରିବେ ନୂଆ ବ୍ୟବସ୍ଥା: ଏଣିକି ଗ୍ରେଡେସନ୍ ଅନୁସାରେ ହେବ ଡାକ୍ତରଙ୍କ ପଦୋନ୍ନତି ଓ ବଦଳି

ଭୁବନେଶ୍ୱର,୯ ।୪(ପି.ଏନ): ଏଣିକି 'ଗ୍ରେଡେସନ' ଅନୁସାରେ ଡାକ୍ତରଙ୍କର ବଦଳି ଓ ପଦୋନ୍ନତି ହେବ । ସମସ୍ତ ଡାକ୍ତରଙ୍କ ପାଇଁ ରାଜ୍ୟ ସରକାର ସମାନ ନୀତି ଆପଣାଇ ଗ୍ରେଡେସନ ନୀତି ଆଣିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ବ୍ୟବସ୍ଥା ଅନୁଯାୟୀ ଡାକ୍ତରଙ୍କୁ ମାର୍କ ଦିଆଯିବ । ଉକ୍ତ ମାର୍କ ଅନୁସାରେ ଡାକ୍ତରଙ୍କର ବଦଳି ଓ ପଦୋନ୍ନତି କରାଯିବ । ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ 'ମେଡିକାଲ ଅଫିସର୍ସ କ୍ୟାଡର ମ୍ୟାନେଜମେଣ୍ଟ' ନାମରେ ଏକ ୱେବସାଇଟ୍ ବିକଶିତ କରାଯିବ ।ଉକ୍ତ ୱେବସାଇଟରେ ଡାକ୍ତରଙ୍କର ଚାକିରୀ ସମ୍ବନ୍ଧିତ ସମସ୍ତ ତଥ୍ୟ ରହିବ । ସମସ୍ତ ତଥ୍ୟକୁ ବିଚାର କରାଯାଇ ଡାକ୍ତରଙ୍କୁ ମାର୍କ ମିଳିବ । ଉକ୍ତ ମାର୍କ ଆଧାରରେ ଟ୍ରାନ୍ସଫର ଓ ପ୍ରମୋସନ ମିଳିବ । ଏହା ଫଳରେ ଡାକ୍ତରଙ୍କ ମଧ୍ୟରେ ପଦୋନ୍ନତି ଓ ବଦଳିକୁ ନେଇ ଆଉ ପୂର୍ବ ପରି ଅସନ୍ତୋଷ ରହିବ ନାହିଁ ବୋଲି ଆଶା କରାଯାଉଛି । ଓଡିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ) ଏହି ୱେବସାଇଟ୍ ପ୍ରସ୍ତୁତ କରିବ ବୋଲି ଜଣାପଡିଛି ।କେଉଁ ଡାକ୍ତର କେତେ ଦୁର୍ନୀତିଗସ୍ତ, କାହା ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, କେଉଁ ଡାକ୍ତର କେଉଁ ଉପାନ୍ତ ଅଞ୍ଚଳରେ କେତେ ଦିନ ପୋଷ୍ଟିଂ ହୋଇ ଛୁଟିରେ ରହିଛନ୍ତି, କେଉଁ ଡାକ୍ତର କେବିକେ ଜିଲ୍ଲାରେ କେତେ ବର୍ଷ କାର୍ଯ୍ୟ କରିଛନ୍ତି, କେଉଁ ଡାକ୍ତର ନିଜର ବା ପରିବାରର ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ବଦଳି ହେବାକୁ ଯାଉଛନ୍ତି ଆଦି ସମସ୍ତ ତଥ୍ୟ ଉକ୍ତ ୱେବସାଇଟରେ ରହିବ ।

## ପରିଚାଳକ ରୂପେ ଅନୁପ ଶତପଥୀଙ୍କୁ ପଦୋନ୍ନତି

ଭୁବନେଶ୍ୱର,୯ ।୪(ପି.ଏନ): ୧୯୯୩ ବ୍ୟାଚ ଆଇଆରଟିଏସ୍ ଅଧିକାରୀ ଅନୁପ କୁମାର ଶତପଥୀଙ୍କୁ ଉତ୍ତର ପୂର୍ବା□ଳ ରେଳବାଇର ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳକ ରୂପେ ପଦୋନ୍ନତି ମିଳିଛି। ଏହି ସମ୍ପର୍କରେ ରେଳବାଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପୂର୍ବରୁ ଶ୍ରୀ ଶତପଥୀ ହାଓ୍ୱାଡାରେ ପୂର୍ବା□ଳ ରେଳବାଇ ମୁଖ୍ୟ ପରିବହନ ଯୋଜନା ପରିଚାଳକ ରୂପେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ ଗତ ବର୍ଷ ବିଶାଖାପାଟଣାରେ ସଫଳତାର ସହ ଡିଆରଏମ୍ ରୂପେ ଦାୟିତ୍ୱ ତୁଲାଇ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିବାରୁ ଶ୍ରୀ ଶତପଥୀଙ୍କୁ ପୂର୍ବା□ଳ ରେଳବାଇ ମୁଖ୍ୟ ପରବହନ ଯୋଜନା ପରିଚାଳକ ରୂପେ ପଦୋନ୍ନତି ମିଳିଥିଲା। ବର୍ତ୍ତମାନ



ସେ ଗୋରଖପୁର ଉତ୍ତର ପୂର୍ବା□ଳର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପରିଚାଳକ ଭାବରେ ଅବସ୍ଥାପିତ ହୋଇଛନ୍ତି। ପୂର୍ବରୁ ଶ୍ରୀ ଶତପଥୀ କୋଲକାତା ଏବଂ ବିଲାସପୁର ଡିବିଜନର ମୁଖ୍ୟ ଅପରେସନ ମ୍ୟାନେଜର,ନାଗପୁର ଏବଂ ରାୟପୁରର ଡିଭିଜନର ସୁରକ୍ଷା ଅଧିକାରୀ, ବିଲାସପୁର ଡିଭିଜନର ମୁଖ୍ୟ ବାଣିଜ୍ୟ ପରିଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ। ଶ୍ରୀ ଶତପଥୀ ନିଜର କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ରେଳବାଇ ଡିଭିଜନରେ ଉଚ୍ଚ ପ୍ରଶଂସା ସହ ପୁରସ୍କୃତ ହୋଇଛନ୍ତି।

## ସମସ୍ତ ସମ୍ପତ୍ତିର ତାଲିକା ଦେବା ପାଇଁ ପ୍ରାର୍ଥୀ ବାଧ ନୁହନ୍ତି

ଭୁବନେଶ୍ୱର,୯ ।୪(ପି.ଏନ): ପାଖେଇ ଆସିଲାଣି ନିର୍ବାଚନୀ ତାରିଖ। ଜଣକ ପରେ ଜଣେ ପ୍ରାର୍ଥୀ ଏବେ ନିଜ ନିଜର ସମ୍ପତ୍ତି ତାଲିକା ପ୍ରକାଶ କରୁଛନ୍ତି। ତେବେ ପ୍ରାର୍ଥୀଙ୍କୁ ନିଜର ସମସ୍ତ ସମ୍ପତ୍ତିର ତାଲିକା ଦେବା ଜୁରୁରୀ ନୁହେଁ। ସେ ଏଥିପାଇଁ ବାଧ ନୁହନ୍ତି। ଦାମୀ ତଥା ଲଗ୍ଜୁରିୟସ ଜୀବନ ଶୈଳୀ ସହ ଜଡିତ ସମ୍ପତ୍ତିର ତାଲିକା ଦେଇପାରିବେ ପ୍ରାର୍ଥୀ। ଏକ ଆବେଦନର ଶୁଣାଣି କରି ଆଜି ଏଭଳି କିଛି କହିଛନ୍ତି ସୁପ୍ରିମକୋର୍ଟ। ଭୋଟରଙ୍କୁ କୌଣସି ବି ପ୍ରାର୍ଥୀଙ୍କ ପ୍ରତ୍ୟେକ ସମ୍ପତ୍ତି ବିଷୟରେ ଜାଣିବାର ସମ୍ପୂର୍ଣ୍ଣ ଅଧିକାର ନାହିଁ। ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ନିଜର ତଥା ନିଜ ଘର ଲୋକଙ୍କ ନାଁରେ ଥିବା ପ୍ରତ୍ୟେକ ସମ୍ପତ୍ତିର ଖୁଲାସା କରିବା ଦରକାର ନୁହେଁ। ଅପ୍ରାସାଙ୍ଗିକ ପ୍ରସଙ୍ଗରେ



ପ୍ରାର୍ଥୀଙ୍କ ପାଖରେ ଗୋପନୀୟତା ଅଧିକାର ରହିଛି। କେବଳ ଅଧିକ ମୂଲ୍ୟ ତଥା ବିଳାଶପୂର୍ଣ୍ଣ ଜୀବନଶୈଳୀକୁ ଦର୍ଶାଉ ଥିବା ସମ୍ପତ୍ତିର ତାଲିକା ପ୍ରାର୍ଥୀ ପ୍ରକାଶ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ମାଲକାନଗିରି ଜିଲ୍ଲାରେ ବନାଗ୍ନି: ୭୧ଟି ସ୍ଥାନରେ ଜଂଗଲ ଜଳୁଛି, ବନ ବିଭାଗ ନାକେଦମ

ମାଲକାନଗିରି,୯ ।୪(ପି.ଏନ): ଜିଲ୍ଲାରେ ଏବେ ଜଳୁଛି ବନାଗ୍ନି। ବନ ବିଭାଗ ନିଆଁ ଲିଭାଇ ଲିଭାଇ ଥକିପଡିଲାଣି। ଗୋଟିଏ ଜାଗାରେ ନିଆଁ ଲିଭାଇ ଘରକୁ ଫେରୁଥିବା ବେଳେ ଅନ୍ୟତ୍ର ଲୋକେ ନିଆଁ ଲଗାଇ ଦେଉଛନ୍ତି। ସ୍ଥିତି ଏବେ ଜଟିଳ ହେବାକୁ ବସିଲାଣି। ଜିଲ୍ଲାର ବିଶେଷକରି ୫ଟି ବନାଞ୍ଚଳରେ ଜଂଗଲ ଜଳୁଛି। ବାଲିମେଳା ବନାଞ୍ଚଳରେ ଜଂଗଲରେ ୧୩ ସ୍ଥାନରେ ନିଆଁ ଜଳୁଛି ।ସେହିପରି ଚିତ୍ରକୋଣ୍ଡା ବନାଞ୍ଚଳରେ ୨୭ଟି ସ୍ଥାନରେ ନିଆଁ ଜଳୁଥିବା ବେଳେ କାଳିମେଳା ବନାଞ୍ଚଳରେ ୯ଟି ସ୍ଥାନରେ, ମାଲକାନଗିରି ବନାଞ୍ଚଳର ୫ଟି ସ୍ଥାନରେ ଏବଂ ମାଥିଲି ବାନଞ୍ଚଳର ୧୭ଟି ସ୍ଥାନରେ ଜଂଗଲ ଜଳୁଛି।



ତେବେ ଗତକାଲି ନିଆଁ ଲିଭାଇବାରେ ପ୍ରକୃତି ସହଯୋଗ କରିଛି। ବର୍ଷା ହେବାରୁ ବହୁ ଜଂଗଲର ନିଆଁ ଲିଭିଥିବା କୁହାଯାଇଛି। ଦିନ ରାତି ଏକ କରି ବନ କର୍ମଚାରୀ ନିଆଁ ଲିଭାଇବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। ଲୋକଙ୍କୁ ଯେତେ ସଚେତନ କଲେ ମଧ ଲୋକେ ନିଆଁ ଲଗାଇବା ଛାଡୁନଥିବା ବନ ବିଭାଗ କହୁଛି ।ବନ ସଂରକ୍ଷଣ ସମିତି ଏବଂ ବନ କର୍ମଚାରୀ ଜଂଗଲରେ ପହରା ଦେଉଥିଲେ ମଧ କିପରି ଲୋକେ ଏତେ ସୁରକ୍ଷା ମଧରେ ନିଆଁ ଲଗାଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଯୋଗୁଁ ଲୋକେ ଏଭଳି ବେଆଇନ କାମ କରୁଛନ୍ତି ବୋଲି କୁହାଯାଇଛି। ଜାନୁଆରି ମାସରୁ ହିଁ ବିଭିନ୍ନ ଗ୍ରାମରେ ବୈଠକ କରାଯାଇ ଯେପରି ଜଂଗଲରେ ନିଆଁ ନଲାଗିବ ସେଥିପ୍ରତି ଲୋକେ ସଜାଗ ରହିବାକୁ କୁହାଯାଉଛି। କିନ୍ତୁ ଲୋକେ ତୁ ଯେତେ ମାଠିବୁ ମାଠ, ମୁଁ ସେହି ଦରପଡା କାଠ ସଦୃଶ୍ୟ ପାଲଟିଛନ୍ତି।

## ଆଶା ଓ ଅଙ୍ଗନବାଡି କର୍ମୀଙ୍କୁ ନିର୍ବାଚନ ପ୍ରଚାରରେ ଉପଯୋଗ କରୁଛି ବିଜେଡି, ଫେରାଦ ହେଲା ବିଜେପି

ଭୁବନେଶ୍ୱର,୯ ।୪(ପି.ଏନ): ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ଶାସକ ବିଜେଡି ନିଜର ନିର୍ବାଚନ ପ୍ରଚାର ପାଇଁ ବାଧ କରୁଛି । ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନବାଡି ମା'ମାନଙ୍କୁ ?ାଲ କରି ୨୦୨୪ ସାଧାରଣ ନିର୍ବାଚନ ବୈତରଣୀ ପାର ହେବା ପାଇଁ ବିଜେଡି ହୀନ ଚକ୍ରାନ୍ତ କରୁଛି । ଖୋଲାଖୋଲି ଭାବେ ଏହା ନିର୍ବାଚନ ଆଦର୍ଶ ଆଚରଣ ବିଧିର ଉଲ୍ଲଙ୍ଘନ । ସେହିପରି କାହା ଚାପରେ ଗୋଟିଏ ନିରଦ୍ଦିଷ୍ଟ ଏନଜିଓକୁ ରାଜ୍ୟ ଆଦିବାସୀ କଲ୍ୟାଣ ବିଭାଗ ୫୨୮କୋଟି ଟଙ୍କା ମଞ୍ଜୁର କରିଛି ବୋଲି କହି ବିଜେପି ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି । ଯଦି ଏହି ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଦଳ ଆଗାମୀ ଦିନରେ ସିଇଓ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ବିଜେପି ଚେତାବନୀ ଦେଇଛି । ବିଜେପି ରାଜ୍ୟ ଉପସଭାପତି ଗୋଲକ ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ




ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ଯେ, ସ୍ୱୟଂସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡି ମା'ମାନଙ୍କୁ ଢାଲ କରି ୨୦୨୪ ସାଧାରଣ ନିର୍ବାଚନ ବୈତରଣୀ ପାରହେବା ଲାଗି ବିଜୁ ଜନତା ଦଳ ହୀନ ଚକ୍ରାନ୍ତ କରୁଛି । ମା'ମାନଙ୍କୁ ସମ୍ମାନ ଦେବା ପରିବର୍ତ୍ତ ? ତାଙ୍କୁ ନିର୍ବାଚନ ପ୍ରଚାରରେ ବିନିଯୋଗ କରି ଭୋଟରଙ୍କୁ ଟଙ୍କା ବାଂଟିବା କାର୍ଯ୍ୟରେ ବ୍ୟବହାର କରୁଛି ବିଜେଡି । ଆଜି ବି ରାଜ୍ୟରେ ମହିଳାମାନେ ଅସୁରକ୍ଷିତ । ନିର୍ବାଚନ ଜିତିବା ଲାଗି ପ୍ରଶାସନିକ ଅଧିକାରୀ ଓ ମିଶନଶକ୍ତିର ସିଆରପି, ଏମବିକେମାନଙ୍କୁ ନିର୍ବାଚନ ପ୍ରଚାରରେ ଲଗାଇ ଆଦର୍ଶ ଆଚରଣ ବିଧିର ଖୋଲାଖୋଲି ଉଲଘଂନ କରୁଛି । ପୂର୍ବରୁ ଆଚରଣ ବିଧି ଉଲ୍ଲଘଂନ ସମ୍ପର୍କରେ ତଥ୍ୟ ପ୍ରମାଣ ସହ ବିଜେପି ବାରମ୍ବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରି ଆସୁଥିଲେ ମଧ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ।ସେ କହିଛନ୍ତି, ଆଶାକର୍ମୀ ଓ ଆଶାକର୍ମୀ ମହାସଂଘର ସମ୍ପାଦକ ବବିତା ରାଉତ, କେତେକ ଅଙ୍ଗନୱାଡି କର୍ମୀମାନେ ଗାମ ଜିଲ୍ଲାରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ଯାହାର ଫଟୋ ଓ ଭିଡିଓ ଆଜି ତଥ୍ୟ ପ୍ରମାଣ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଦେଇଛୁ । ସେହିପରି ବିଏଲଏଫର ସଭାପତି ଶାନ୍ତିଲତା ସେଠୀଙ୍କୁ ମଧ ବିଜୁ ମହିଳା ଜନତା ଦଳ ଚାନ୍ଦବାଲି ବ୍ଲକର ସଭାପତି ରୂପେ ମନୋନୀତ କରିଛି ଓ ସେ ବିଜେଡି ପ୍ରାର୍ଥୀ ପାଇଁ ପ୍ରଚାର କରୁଛନ୍ତି, ଯାହାକି ବିଏଲଏଫ ଗାଇଡଲାଇନର ବିରୁଦ୍ଧାଚରଣ କରୁଛି । ଏସବୁ ତଥ୍ୟ ପ୍ରମାଣ ଆଜି ସିଇଓଙ୍କୁ ପ୍ରଦାନ କରାଯାଇଛି ।

## କେଜ୍ରିଓ୍ୱାଲ ନିରାଶ, ଜେଲରୁ ମୁକୁଳିବାକୁ ମିଳିଲାନି ଅନୁମତ

ଭୁବନେଶ୍ୱର,୯ ।୪(ପି.ଏନ): ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ମିଳିନି କୌଣସି ଆଶ୍ୱସ୍ତି। ଇଡି ଗିରଫଦାରୀ ଓ ରିମାଣ୍ଡ ବିରୋଧରେ ସେ ଦିଲ୍ଲୀ ହାଇକୋର୍ଟରେ କରିଥିବା ଆବେଦନ ଖାରଜ ହୋଇଯାଇଛି ।ଦିଲ୍ଲୀ ହାଇକୋର୍ଟ କେଜ୍ରିଓ୍ୱାଲଙ୍କ ଗିରଫଦାରୀକୁ ଯଥାର୍ଥ ବୋଲି କହିବା ସହ ତାଙ୍କର ସମସ୍ତ ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଇଡି ତଦନ୍ତ ବେଳେ ପାଇଥିବା ସାମଗ୍ରୀ ଗିରଫଦାରୀ ପାଇଁ ଯଥେଷ୍ଟ ବୋଲି କୋଟଆ କହିଛନ୍ତି।










## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲ୍ଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପର୍ଶ୍ଚିମ ଚମ୍ପାରଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କାଂଚୀ କାମାକ୍ଷୀ ଶକ୍ତିପୀଠ, ତାମିଲନାଡୁ



କାଂଚିପୁରମ୍ ର ହୃଦୟସ୍ଥଳ ହେଉଛି କାଂଚି କାମାକ୍ଷୀ ମନ୍ଦିର। ବସ୍ତୁତଃ ସଂପୂର୍ଣ୍ଣ କାଂଚିପୁରମ୍ ନଗରୀ କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରି ରହିଛି। ଭଗବାନ ଶିବ ଓ ଭଗବାନ ବିଷ୍ଣୁଙ୍କ ଭଳି ଅନେକ ଦେବୀ ଦେବତା ମଧ୍ୟ କାଂଚି କାମାକ୍ଷୀ ମନ୍ଦିରକୁ ଘେରି ରହିଛନ୍ତି। କାଂଚି କାମାକ୍ଷୀ ମନ୍ଦିରକୁ ଆନନ୍ଦରେ କାମାକ୍ଷୀ ଅମ୍ମା ମନ୍ଦିର ବୋଲି ମଧ୍ୟ କୁହାଯାଏ। କାଂଚି କାମାକ୍ଷୀ ମନ୍ଦିରର ଗୋଟିଏ ପାର୍ଶ୍ୱରେ ଶିବ କାଂଚି ଅର୍ଥାତ୍ ବଡ଼ କାଂଚି ଅବସ୍ଥିତ। ଏଠାରେ କେତେକ ବିଷ୍ଣୁ ମନ୍ଦିର ସହିତ ଅନେକ ଶିବ ମନ୍ଦିର ସ୍ଥାପିତ ହୋଇଛି। କାଂଚି କାମାକ୍ଷୀ ମନ୍ଦିରର ଅନ୍ୟ ପାର୍ଶ୍ୱରେ ବିଷ୍ଣୁ କାଂଚି ଅର୍ଥାତ୍ ଛୋଟ କାଂଚି ଅବସ୍ଥିତ। ସେଠାରେ ମଧ୍ୟ କେତୋଟି ବିଶାଳ ବିଷ୍ଣୁ ମନ୍ଦିର ତଥା କେତୋଟି ଶିବ ମନ୍ଦିର ମଧ୍ୟ ରହିଛି।

ଏଠାରେ କାମାକ୍ଷୀ ମନ୍ଦିରର ଅସ୍ତିତ୍ୱ ଅନନ୍ତ କାଳରୁ ଅବସ୍ଥିତ ଥିବା କୁହାଯାଏ। ରେକର୍ଡ଼ ଅନୁଯାୟୀ ମନ୍ଦିରର ଶ୍ରୀ ଚକ୍ର କୁ ଆଦି ଶଙ୍କରାଚାର୍ଯ୍ୟ ହିଁ ସ୍ଥାପନା କରିଥିଲେ। ୫ମ ରୁ ୮ମ ଶତାବ୍ଦୀ ମଧ୍ୟରେ କେଉଁ ଏକ ସମୟରେ ଏହି ସ୍ଥାପନା କାର୍ଯ୍ୟ ହୋଇଥିବା ଅନୁମାନ କରାଯାଉଛି। ପୁରାତାତ୍ୱିକ ସାହିତ୍ୟ ଅନୁସାରେ ଏହି ମନ୍ଦିର ପ୍ରାୟ ୧୩୦୦ ବର୍ଷର ପୁରାତନ। ହୁଏତ ଏଠାରେ ପଲ୍ଲବ ସମ୍ରାଟଙ୍କ ଆଧିପତ୍ୟ ଥିଲା ଓ କାଂଚି ପୁରମ୍ ତାଙ୍କ ରାଜଧାନୀ ଥିଲା ବୋଲି କୁହାଯାଉଛି। ସେ ଯାହାହେଉ କାମାକ୍ଷୀ ଦେବୀ ହିଁ କାଂଚିର ଅଧିଷ୍ଠାତ୍ରୀ ଦେବୀ ଥିଲେ, ଏଥିରେ କାହାର ସନ୍ଦେହ ନାହିଁ।



କାଂଚିର କାମାକ୍ଷୀ ମନ୍ଦିର ଭାରତୀୟ ଉପମହାଦେଶର ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଗୋଟିଏ ଓ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶକ୍ତିପୀଠ ଅଟେ। କ୍ରୋଧ ଜର୍ଜରିତ ଶିବ ଯେତେବେଳେ ମା'ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ, ଶିବଙ୍କୁ ଶାନ୍ତ କରିବା ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସେହି ଖଣ୍ଡ ମାନଙ୍କ ମଧ୍ୟରୁ ସତୀଙ୍କ ନାଭିଖଣ୍ଡ ଏଠାରେ ପଡ଼ିଥିଲା। ଆଉ ଏହି ସ୍ଥାନ ଏକ ମହାନ୍ ଶକ୍ତିପୀଠ ଭାବେ ପରିଚିତ।



ଆହୁରି ବି କୁହାଯାଏ ଯେ, ଦେବୀ ଅସୁର ଭଣ୍ଡାସୁକୁ ବଦ୍ଧ କରିବା ପାଇଁ ଏକ କନ୍ୟା ରୂପରେ ଅବତାର ନେଇଥିଲେ ଓ ସେ ଏହି ମନ୍ଦିରରେ ଅଧିଷ୍ଠିତ ଥିଲେ। ଏହି ମନ୍ଦିରକୁ ସ୍ୱୟମ୍ଭୁ ବୋଲି କୁହାଯାଏ। କାରଣ ଏହି ମନ୍ଦିରରେ ଥିବା ମାତାଙ୍କ ମୂର୍ତି କାହାରି ଦ୍ୱାରା ତିଆରି ହୋଇନଥିଲା, ବରଂ ସ୍ୱଂୟ ଅବତରିତ ହୋଇଥିଲା। କୁହାଯାଏ ଯେ, ଦେବୀ ଏହି ମନ୍ଦିରରେ ସ୍ଥୁଳ, ସୂକ୍ଷ୍ମ ଓ ଶୂନ୍ୟ ଏପରି ତିନିଟି ସ୍ୱରୂପରେ ବିରାଜମାନ କରିଛନ୍ତି।

ଶାସ୍ତ୍ର ଅନୁଯାୟୀ ଭଗବାନ ଶିବଙ୍କ ସହିତ ବିବାହ କରିବାକୁ ଆଶା କରି କାମାକ୍ଷୀ ଅମ୍ମା ଘୋର ତପସ୍ୟା କରିଥିଲେ। ଶେଷରେ ତାଙ୍କର ଅଭିଳାସ ପୂର୍ଣ୍ଣ ହେଲା ଏବଂ ଫାଲଗୁନ ମାସର ଉତର ନକ୍ଷତ୍ରରେ ଭଗବାନ୍ ଶିବଙ୍କ ସହିତ ତାଙ୍କର ବିବାହ ହେଲା। ଏଠାରେ ମା'କାମାକ୍ଷୀଙ୍କ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ତପସ୍ୟା କରୁଥିବା ସୁନାର ଏକ ମୂର୍ତି ରହିଛି। ମା'ଙ୍କର ଏହି ସ୍ୱର୍ଣ୍ଣ ମୂର୍ତିକୁ ବଙ୍ଗାରୁ କାମାକ୍ଷୀ ବୋଲି ମଧ୍ୟ କୁହାଯାଏ।

କାଂଚି କାମାକ୍ଷୀ ମନ୍ଦିରର ମୁଖ୍ୟ ଗର୍ଭ ଗୃହକୁ ଗାୟତୀ ମଣ୍ଡପ କୁହାଯାଏ। ଏଠାରେ କାମାକ୍ଷୀ ଅମ୍ମା ପଦ୍ମାସନର ଯୋଗମୁଦ୍ରାରେ ବସିଛନ୍ତି। ତାଙ୍କର ଆସନ ପଂଚ ବ୍ରହ୍ମାସନ। କାମାକ୍ଷୀ ଅମ୍ମାଙ୍କର ଚାରି ହାତ ରହିଛି। ତାଙ୍କ ତଳ ହାତରେ ରହିଛି ଆଖୁଖଣ୍ଡ ଓ ପାଂଚଟି ଫୁଲର ଗୁଚ୍ଛ। ଉପର ଦୁଇ ହାତରେ ସେ ଶସ୍ତ୍ର, ଫାଶ ଓ ଦଣ୍ଡ ଧାରଣ କରିଛନ୍ତି। ଦେବୀଙ୍କ ପ୍ରତିମାକୁ ସର୍ବଦା ଉଜ୍ୱଳ ରଙ୍ଗିନ ଶାଢୀ ଓ ସଂପୂର୍ଣ୍ଣ ବେଶଭୂଷାରେ ଅଳଙ୍କୃତ କରାଯାଏ। ଗର୍ଭଗୃହ ଭିତରେ ରୁପାରେ ଝୁଲୁଥିବା ଏକ ସ୍ତମ୍ଭ ରହିଛି। ଏଥିରେ ଏକ ଛିଦ୍ର ରହିଛି, ଯାହା ଦେବୀଙ୍କ ନାଭିର ପ୍ରତିନିଧିତ୍ୱ କରେ। କୁହାଯାଏ ଯେ, ଏହା ଭକ୍ତ ମାନଙ୍କୁ ସନ୍ତାନ ପାଇବାର ବର ପ୍ରଦାନ କରିଥାଏ।



କାମାକ୍ଷୀ ମନ୍ଦିରରେ ପ୍ରତ୍ୟେକ ବର୍ଷ ଫାଲଗୁନ ମାସରେ ଭଗବାନ ଶିବ ଓ କାମାକ୍ଷୀଙ୍କ ମଧ୍ୟରେ ବିବାହ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ବିବାହ ଅଭିଳାଷ ରଖିଥିବା ଯୁବକ ଯୁବତୀ ମାନେ ବହୁ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ଏହିଦିନ ଦେବୀଙ୍କୁ ନୌକାରେ ବସାଯାଇ ବୁଲାଯାଏ। ସେହିପରି ପ୍ରତି ମାଘ ମାସରେ ଏଠାରେ ବାର୍ଷିକ ବ୍ରହ୍ମୋତ୍ସବ ପାଳନ କରାଯାଏ। ଏହି ସମୟରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦେବୀଙ୍କ ରଥ ବାହାରକୁ ଯାଏ। ଉତ୍ସବର ଚତୁର୍ଥ ଦିନ କାମାକ୍ଷୀ ଅମ୍ମା ସୁନାର ସିଂହ ଉପରେ ବସନ୍ତି ତଥା ନବମ ଦିନରେ ରୂପା ନିର୍ମିତ ରଥରେ ବସି ନଗର ଭ୍ରମଣରେ ଯାଆନ୍ତି। ଏହି ଉତ୍ସବ ଦିନ ବା ପୂର୍ଣ୍ଣିମା ପଡୁଥିବା ୧୦ମ ଦିବସ ଓ ଶେଷ ଦିନରେ ଦେବୀ ଓ ତାଙ୍କର ଭକ୍ତମାନେ ମନ୍ଦିରର ଜଳକୁଣ୍ଡରେ ବୁଡ଼ ପକାନ୍ତି।

ପ୍ରତି ବର୍ଷ ଚୈତ୍ର ମାସର ପ୍ରଥମ ଦିବସରେ କାମାକ୍ଷୀ ଅମ୍ମା ନିଜ ସୁନାର ରଥ ଉପରେ ବସନ୍ତି। ଏଭଳି ରଥଯାତ୍ରା ହିନ୍ଦୁ ପାଞ୍ଜି ଅନୁସାରେ ପ୍ରତି ମାସର ପ୍ରଥମ ଦିନ ଆୟୋଜିତ ହୋଇଥାଏ। ଯଦି ତାହା ଶୁକ୍ରବାର ଦିନ ହୁଏ, ସେଦିନ ପୂର୍ଣ୍ଣିମା କିମ୍ବା ଅମାବାସ୍ୟା ହୋଇଥାଏ। କାଂଚିର କାମାକ୍ଷାଙ୍କ ଏହି ରଥଯାତ୍ରାକୁ ଦର୍ଶନ କରିବା ପାଇଁ ସମସ୍ତେ ବ୍ୟାକୁଳ ହୁଅନ୍ତି।

କାଂଚି ପୁରମ୍ ର ଅନ୍ୟ ମନ୍ଦିର ମାନଙ୍କର ରଥଯାତ୍ରା କାଂଚି କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରା ଲଗାନ୍ତି, କାରଣ କାମାକ୍ଷୀ ଦେବୀ କାଂଚିର ପ୍ରମୁଖ ଆରାଧ୍ୟ ଦେବୀ ଅଟନ୍ତି।



# ଯାହା ପାଇଁ ଜାତୀୟ ବିଜ୍ଞାନ ଦିବସ !



ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତାପାର୍ବତୀ ଅମ୍ମଳଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ,୧୩ ବର୍ଷରେ ଆଇ.ଏ ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜର ବି.ଏ ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍‌ଣ ଶରୀର ଏବଂ କମ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍.ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କଣ ଏଇ ଶ୍ରେଣୀର ପିଲା? ତାଙ୍କର ଅସ୍ତି ବାଚକ ଉତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀ ମାନଙ୍କ ମଧ୍ୟରେ। ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ୱଷ୍ଟ ଏବଂ ସଠିକ୍ ଉତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେ ଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଲାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷା ଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ,ଏ ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଏମ,ଏ ପଢିବା ସମୟର ଦୁଇ ବର୍ଷରୁ ସେ ମାତ୍ର ଗୋଟିଏ ଦିନ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍.ଜୋନସ୍‌ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଲେଶରେ ବୁଝି ପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍‌ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ , ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦା ଜନକ ପଦବୀରେ ନିଯୁକ୍ତି ପାଇଲେ। ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମ ଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣା ରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇ ପାରୁନଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଡବଜାର ଷ୍ଟ୍ରିଟ୍ ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ) ଲେଖା ସାଇନ୍‌ବୋର୍ଡଟିଏ ଝୁଲୁଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତକରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ୍ନ ହେଉଛି, ତା ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡର୍‌ୟାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡର୍‌ୟାଲେ ଏହି ତଥ୍ୟଟିକୁ ପଢି ସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକ ମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ ,ଏହା କଳ୍ପନା କରି ପାରିନଥିଲେ। ୧୯୧୦ ମସିହାରେ , ଚାକିରୀରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଚ୍ଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ , ବୈଜ୍ଞାନିକ ହିସାବରେସେ ଖ୍ୟାତିଲାଭ କରିସାରିଥିଲେ। ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ। ଯଦି ସେ ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି , ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା ବୋଲି ମତ ପୋଷଣ କରିଥିଲେ, ଚକ୍ରବର୍ତୀ ରାଜଗୋପାଳଚାରୀ। ୧୯୦୬ରେ ବି.ଏ.ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ "ଆଲୋକର ବିଚ୍ଛୁରଣ" ନାମକ ଏକ ବିଜ୍ଞାନ ସନ୍ଦର୍ଭ , ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା।୧୯୨୮ ମସିହା ଫେବୃୟାରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମକପ୍ରଦ ତଥ୍ୟ ଉପସ୍ଥାପନା କରିଥିଲେ, ଯାହାକି "ରମଣ ଇଫେକ୍ଟ"ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ "ଜାତୀୟ ବିଜ୍ଞାନ ଦିବସ"ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ.କାବାନେସ, ଜର୍ମାନ୍ ବୈଜ୍ଞାନିକ ପି.ପ୍ରଙ୍ଗସେ ଓ ଭାରତର ଏଲ୍.ଏ.ରାମଦାସ୍ ରମଣଙ୍କ ସନ୍ଦର୍ଭକୁ "ରମଣ ସିଦ୍ଧାନ୍ତ" ନାମରେ ବିଶ୍ୱ ବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍ ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ।୧୯୪୮ ରେ ତାଙ୍କ ଦ୍ୱାରା "ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ"ସ୍ଥାପିତ ହୋଇଥିଲା,ଯେଉଁଥିରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ, ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆୱାର୍ଡ,୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ୍,୧୯୩୦ରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହି ବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଗସ୍ ପଦକ,୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ,୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ଋଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ, ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକ ମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା।୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ, କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜଳମୟ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁପୁର୍ବରୁ , ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଲାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରଥିଲେ। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡମ୍ବରରେ,"ରମଣ ଗବେଷଣା କେନ୍ଦ୍ର"ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।

# ଶ୍ରୀଲିଙ୍ଗରାଜ ମନ୍ଦିରକୁ ପଲିଥିନ୍, ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ ଉଠିଲା ଦାବି



ଭୁବନେଶ୍ୱର (ପିଏନ୍): ଜାଗର ଯାତ୍ରା। ଏ ନେଇ ଚଳଚଞ୍ଚଳ ଏକାମ୍ର କ୍ଷେତ୍ର। ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ଓ ସାନ୍ନିଧ୍ୟ ଲାଭ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଜାଗର ସମୟରେ ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ, ସାଧୁ, ସନ୍ନ୍ୟାସୀମାନଙ୍କ ସମାଗମ ହୋଇଥାଏ। ଠାକୁରଙ୍କ ନିକଟରେ ଭୋଗ କରିବା ହେଉ କି ଦୀପ ଜାଳିବା ହେଉ ଅନେକ ଭକ୍ତ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ ଦ୍ରବ୍ୟ ଇତ୍ୟାଦି ଭୋଗ ସାଥିରେ ନେଇ ଆସିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ମନ୍ଦିର ବେଢା ଭିତରେ ଏଣେ ତେଣେ ଫୋପାଡ଼ି ଚାଲି ଯାଇଥାନ୍ତି। ଯଦ୍ୱାରା ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମନ୍ଦିରର ପରିବେଶ ଓ ସୌନ୍ଦର୍ଯ୍ୟ ବିଗିଡ଼ି ଯାଇଥାଏ। ପରବର୍ତ୍ତୀ ସମୟରେ ଯେତେବେଳେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଫେଇ ହୁଏ ସେଗୁଡ଼ିକ ମନ୍ଦିର ବାହାରେ ଆଣି ଗଦାଇଥାନ୍ତି। ବାହାରେ ଏଣେ ତେଣେ ବୁଲୁଥିବା ବୁଲା ଗୋରୁ, ଗାଈ, ଷଣ୍ଢ ଇତ୍ୟାଦି ଜୀବ ଏଗୁଡ଼ିକୁ ଖାଇ ମୃତ୍ୟୁବରଣ କରିଥାନ୍ତି। ଏତଦ୍‌ସହ କିଛି ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ପାନ, ଗୁଟ୍‌ଖା, ବିଡ଼ି, ସିଗାରେଟ୍, ଗଞ୍ଜେଇ ଏବଂ ମଦ ପରି ମାଦକ ଦ୍ରବ୍ୟକୁ ବ୍ୟବହାର କରିଥାନ୍ତି। ଯାହ ମନ୍ଦିର ସଫେଇ ସମୟରେ ନଜରକୁ ଆସିଥାଏ। ଏଣୁ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ସମ୍ପୂର୍ଣ୍ଣ ରୂପେ ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ କଟକଣା ଜାରି ହେଉ ବୋଲି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏ ନେଇ ଶ୍ରୀ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି।

# ଭାବନା, କାମନା ଓ ପରିକଳ୍ପନା ଦ୍ୱାରା ଏକ ଉଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଥାଏ: ବାଚସ୍ପତି



ଫୁଲନଖରା (ପିଏନ୍)-ରାଜ୍ୟର ସର୍ବପ୍ରଥମ ରଙ୍ଗୀନ ଦୈନିକ ଓଡ଼ିଆ ଖବରକାଗଜ 'ସମୟ'ର ୨୫ତମ ବାର୍ଷିକ ସମାରୋହ ସଦର ଥାନା ଅନ୍ତର୍ଗତ ମୀରା କୋର୍ଟୟାର୍ଡ଼ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଧାନସଭାର ବାଚସ୍ପତି ଡଃ. ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥିରୂପେ ଯୋଗଦେଇ 'ଆଗାମୀ ଦଶନ୍ଧିରେ ଓଡ଼ିଶା' ଶୀର୍ଷକ ଏକ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରି ପ୍ରଥମେ ଭାବନା ତା'ପରେ କାମନା ଓ ପରେ ପରିକଳ୍ପନା ଦ୍ୱାରା ଏକ ସୁନେଲୀ ଭବିଷ୍ୟତର ସମ୍ଭାବନା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ରାଜ୍ୟ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ହୋଇ ଶିକ୍ଷାର ବିକାଶ ହେଲେ ଅନ୍ୟ ସମସ୍ତ କ୍ଷେତ୍ରର ସାମଗ୍ରୀକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ପୂର୍ବତନ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ ସମ୍ମାନିତ ଅତିଥିରୂପେ ଯୋଗଦେଇ ଆଗାମୀ ୧୦ବର୍ଷ ପାଇଁ ଆମକୁ ପକ୍କା ଘର, ଜୈବିକ କୃଷି, ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, ଆଦିବାସୀଙ୍କ ବିକାଶ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦେଲେ ଏକ ସୁନ୍ଦର ତଥା ବିକଶିତ ଓଡ଼ିଶା ରୂପରେଖ ସାକାର ହେବବୋଲି ବର୍ଣ୍ଣନା କରିଥିଲେ। ଆପୋଲୋ ହସପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଆଲୋକ ଶ୍ରୀବାସ୍ତବ, ଆମ୍ରି ହସପିଟାଲ ମୁଖ୍ୟ ନୀଳନା ମୁଖାର୍ଜି, ଇା ଅଧିକାରୀ କିଶୋରମୋହନ ମହାନ୍ତି ପ୍ରମୁଖ ଆମନ୍ତ୍ରିତ ଅତିଥିଭାବେ ମଞ୍ଚାସୀନ ହୋଇ 'ସମୟ' ରାଜ୍ୟର ଅଗ୍ରଗତିରେ ସହାୟକ ହେଉଥିବା ବିଷୟ ସୂଚନା ଦେବା ସହିତ ଆଗାମୀ ଦଶ ବର୍ଷ ପାଇଁ ଏକ ଉନ୍ନତ ଓଡ଼ିଶା ଗଢ଼ିବା ଦିଗରେ କର୍ପୋରେଟ ହାଉସଗୁଡ଼ିକ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିରଂଜିବୀ ବିଶ୍ୱାଳ, ପ୍ରାକ୍ତନ ସାଂସଦ ତଥା 'ସମୟ'ର ପରିଚାଳନା ସମ୍ପାଦକ ରଂଜୀବ ବିଶ୍ୱାଳ, ତେଜଶ୍ରୀ ବିଶ୍ୱାଳ ଓ ଅନୀତା ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। 'ସମୟ' ପରିବାରର ସମସ୍ତ କର୍ମକର୍ତ୍ତା ଓ ଅଧିକାରୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ପ୍ରଶାସନିକ ଅଧିକାରୀ ସତ୍ୟନାରାୟଣ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶେଷରେ ରାଜ୍ୟର ଲବ୍ଧପ୍ରତିଷ୍ଠିତ କଳାକାରଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଲଭ୍ ଟ୍ରି: ପ୍ରକୃତି ପ୍ରତି ସମର୍ପିତ ପ୍ରେମ




ଭୁବନେଶ୍ୱର (ପିଏନ୍): ବିଶ୍ୱବ୍ୟାପୀ 'ଭାଲେଣ୍ଟାଇନ୍ ଡ଼େ'କୁ ପ୍ରେମ ଦିବସ ରୂପେ ପାଳନ କରାଯାଉଥିବା ବେଳେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରଙ୍ଗ, ବେରଙ୍ଗ ମୁରୁଜରେ ଲଭ୍ ଟ୍ରି ତିଆରି କରି ଆସ ଆମେ ପ୍ରକୃତିକୁ ପ୍ରେମ କରିବାର ବଳିଷ୍ଠ ବାର୍ତ୍ତା ଭାଲେଣ୍ଟାଇନ୍ ଦିବସରେ ପ୍ରଦାନ କରିଛନ୍ତି। ସ୍ମାର୍ଟ ସିଟି ଭୁବନେଶ୍ୱରର ପାର୍କ ଠାରୁ ମଲ୍ ଯାଏ ସବୁଠି ପ୍ରେମ ସମ୍ଭାଷଣ ପାଇଁ ଗୋଲାପ ଫୁଲ, ଗ୍ରୀଟିଙ୍ଗସ୍, ଉପହାର ଦିଆନିଆ ଭିତରେ ଭାଲେଣ୍ଟାଇନ୍ ଡ଼େ' ପାଳନ ଦେଖିବାକୁ ମିଳିଥାଏ। ହେଲେ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ସୁଶାନ୍ତ ହୃଦୟ ରୂପକ ବୃକ୍ଷକୁ ସ୍ଥାନିତ କରି ବିଶ୍ୱ ପ୍ରେମ ଦିବସରେ ଆସ ଆମେ ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା ସହ ବୃକ୍ଷ ଉପହାର ଦେଇଛନ୍ତି।

# ଉତ୍କଳର ଭାଷା, ସାହିତ୍ୟ ଓ ସଂଗୀତର ଧ୍ରୁବତାରା ଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ 'ଆମେ ଭୁବନେଶ୍ୱର'ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୫ତମ ଜୟନ୍ତୀ ସ୍ଥାନୀୟ ପ୍ରତିମୂର୍ତ୍ତିସ୍ଥଳ ମହାଡାକପାଳଙ୍କ କାର୍ଯ୍ୟାଳୟଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସଂଯୋଜନା କରି ମତ ବ୍ୟକ୍ତ କରିଥିଲେ ଯେ, କାନ୍ତକବି ଥିଲେ ଏକାଧାରରେ ମହାନ କବି, ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ତଥା ଓଡ଼ିଆ ଭାଷାର ମହାନ କାଣ୍ଡାରୀ, ରାଜ୍ୟ ସଂଗୀତ "ବନ୍ଦେ ଉତ୍କଳ ଜନନୀ' ରଚନା କରି ଘରେଘରେ ସୁପରିଚିତ ହେବା ସହିତ ତାଙ୍କ କୃତି ଓ କୀର୍ତ୍ତିର ଅଭୂତ ପରିଚୟ ପ୍ରଦାନ କରିଛନ୍ତି। ବୁଢ଼ା ଶଙ୍ଖାରି, କଣାମାମୁଁ ପ୍ରମୁଖ ତାଙ୍କର କାଳଜୟୀ କୃତି ସମାହାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ଅନୁସଚିବ ଲକ୍ଷ୍ମୀଧର ବେହେରା, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ରମେଶ ଚନ୍ଦ୍ର ପାତାଳ ସିଂ, ଦିଲ୍ଲୀପ ଦାସଶର୍ମା, ନିରଞ୍ଜନ ପଣ୍ଡା ଯୋଗଦେଇ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତିତ୍ୱ, ଅଭିନେତା, ନିର୍ଦ୍ଦେଶକ ଶଙ୍କର ବସୁମଲ୍ଲିକ, ଭକ୍ତ ଚରଣ ପଟ୍ଟନାୟକ ପ୍ରମୁଖଙ୍କୁ 'ଆମେ ଭୁବନେଶ୍ୱର' ପକ୍ଷରୁ କାନ୍ତ କବି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୁଖ ଅଭିଯାନର ସଂଯୋଜକ ବାପୁ ଓଝା, ଗିରିଜା ମହାପାତ୍ର, ବିଜୟ ପରିଡ଼ା, ସଞ୍ଜୟ ପରିଡ଼ା, କାମଦେବ ମହାପାତ୍ର ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ନରେନ ସାହୁ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧୦**

## ଜୀବନ ଯନ୍ତ୍ରଣାର ଆବେଗ, କୋହ ଓ ମୂଲ୍ୟହୀନ ସଂଘର୍ଷ

ବାଲେଶ୍ୱରର ବାହାନଗାରେ ମର୍ମନ୍ତୁଦ ରେଳ ଦୁର୍ଘଟଣା ଛାତି ଥରାଇ ଦେଇଛି କେବଳ ଓଡ଼ିଶାବାସୀଙ୍କୁ ନୁହେଁ ସମଗ୍ର ବିଶ୍ୱବାସୀଙ୍କୁ। ବାପା ହରାଇଛି ପୁଅକୁ, ସ୍ତ୍ରୀ ହରାଇଛି ସ୍ୱାମୀକୁ, ବନ୍ଧୁ ହରାଇଛି ବନ୍ଧୁକୁ ଆଉ ସର୍ବୋପରି ଅନେକ ପରିବାରର ଆଶା, ବିଶ୍ୱାସ, ଭଲ ପାଇବା ସବୁକିଛି ପୋଛି ହୋଇଯାଇଛି ଏହି ଅଭାବନୀୟ କ୍ଷେତ୍ରରେ। ଆପଣ କ'ଣ ଭାବୁଛନ୍ତି ବାହାନଗାର ଦୁଃଖ। ଆମ ମାନଙ୍କ ଜୀବନରେ ପ୍ରତିଟି ମୁହୂର୍ତ୍ତରେ ବି ସଂଗଠିତ ହେଉଛି। କର୍ମମୟ ଜୀବନ ଭିତରେ ପେଟପାଟଣା, ଜୀବନ ଯୁଦ୍ଧର ଲଢ଼େଇ ଭିତରେ ଆମେ ସମସ୍ତେ ପରିଶ୍ରମ କରୁଛୁ କାରଣ ଆମ ସହ ଆମ ଘର ପରିବାର, ଆତ୍ମୀୟ ସ୍ୱଜନଙ୍କ ପାଇଁ ହିଁ ଏହି ଖଟିଖିଆ ଜୀବନର ଏହି ଲଢ଼େଇ କିନ୍ତୁ ବାସ୍ତବରେ ଆମକୁ କ'ଣ ସମସ୍ତେ ଠିକ ବିଚାର କରୁଛନ୍ତି ? କ'ଣ ପାଇଁ, କାହା ପାଇଁ ? ଜୀବନ ସଂଗ୍ରାମ ଭିତରେ ସୁଖ ଭିତରେ ଦୁଃଖ ଅଛି, ଅପ୍ରାପ୍ତି ଭିତରେ ପ୍ରାପ୍ତି ଅଛି କିନ୍ତୁ ନାହିଁ ଭଲ ପାଇବା। ସବୁକିଛି ଭଙ୍ଗା ସଂସାରର ମିଛ ଛଳନା । ଯେଉଁଠି କର୍ମବ୍ୟସ୍ତ ଜୀବନ ନିର୍ବାହ କରି ନିଜ ଘରକୁ ଫେରୁଥିବା ଲୋକ ଆହ୍ୱାନ ପାଇଥାଏ। ଅର୍ଥାତ୍ ସେଠି ନଥାଏ ଭଲ ପାଇବା, ସେଠି ଥାଏ ବିଭିନ୍ନ ପ୍ରଶ୍ନବାଣର ଉଚ୍ଚାଟ, ଅନୁଚାରିତ ପ୍ରଶ୍ନର ଫୋପଡ଼ା ବାଣ। ଆମେ ଭଗବାନ ନୁହେଁ କିନ୍ତୁ ଭଗବାନଙ୍କ ସୃଷ୍ଟିରେ ଆମେ ଜଣେ ମଣିଷ କିନ୍ତୁ ଜୀବନ ଲଢ଼େଇ ଭିତରେ ଯେଉଁ ଲୋକଟି କର୍ମବ୍ୟସ୍ତ ଥକ୍କା ହୋଇ ନିଜ ଘରୁକୁ ଫେରିଥାଏ ସେ କ'ଣ ଚାହିଁଥାଏ ? ସେ ଚାହିଁ ଥାଏ ମା'ର ପଣତ କାନି, ସେ ଚାହିଁଥାଏ ପ୍ରିୟତମା ଜୀବନର ଅର୍ଦ୍ଧାଙ୍ଗିନୀର ପ୍ରେମ ଆବେଗ, ସେ ଚାହିଁଥାଏ ପିଲାମାନଙ୍କର ମମତାବୋଧର କିଛି ଭଲ ପାଇବା। କିନ୍ତୁ ସବୁ ସରିଯାଏ ଯେତେବେଳେ ଆମକୁ ତଥାକଥିତ ଭାବେ ଚରିତ୍ର ସଂହାର ନାମରେ ତୁମେ ଜଣେ ଅମଣିଷ, ତୁମେ ଜଣେ ନିଶାସକ୍ତ, ତୁମେ ଜଣେ ଦାୟିତ୍ୱହୀନ ! ସତରେ ଏହା କଣ ଜୀବନ। ତାହାହେଲେ ଏ ଜୀବନ ଆମେ ବଞ୍ଚୁଛୁ କାହା ପାଇଁ, କ'ଣ ପାଇଁ ? ଜଣେ ନିର୍ଦ୍ଦୋଷ, ନିରୀହ ହୋଇ ବି ଯେତେବେଳେ ତାର ଉପରେ ଆରୋପ, ଲାଞ୍ଛନା ଆସେ ସେ ଜଣେ ସୁସ୍ଥ ମସ୍ତିଷ୍କ ଭାବେ କାର୍ଯ୍ୟ କରିପାରିବ ତ ?ଜୀବନରେ ପ୍ରେମ ହିଁ ବହୁତ ବଡ଼ କିନ୍ତୁ ଯେଉଁ ଅପ୍ରାପ୍ତ ପ୍ରେମ ଆମ ଜୀବନର ମୋଡ଼ ବଦଳାଇ ଦେଲା, କ'ଣ ପାଇଁ ? ଏହା ବି କ'ଣ ଭଗବାନଙ୍କ ଇଚ୍ଛା। ତାହାହେଲେ ଜଣେ ଯାଜାବର ଜୀବନ ବିତାଇ ଖୁସିରେ ରହିପାରିବ। ଜୀବନରେ ଅଭାବ ରହିବ, ଅପ୍ରାପ୍ତି ରହିବ, ଦୁଃଖ ରହିବ, ଯନ୍ତ୍ରଣା ରହିବ କିନ୍ତୁ ଏ ସବୁ ଭିତରେ ଆମେ ଜୀବନ ତ ବଞ୍ଚାଇବା ନାଁ, କିନ୍ତୁ ମାର ମାର ଭଣ୍ଡାରିଆକୁ ମାର ପରି ଆରୋପ କ'ଣ ପାଇଁ ଆମ ଜୀବନକୁ ଆସିଥାଏ ମୁଁ ଜାଣିବି ପାରୁନି। ଭଗବାନ ଜୀବନରେ ଯେଉଁ ସ୍ୱପ୍ନର ଆଶା ଉଜ୍ଜୀବିତ କରିଥିଲେ ସେଠି ବଡ଼ ଥିଲା ଭଲ ପାଇବାର ଆବେଗ, ନୂଆ ସଂସାର ଜୀବନ ପାଇଁ ଅପେକ୍ଷାମାଣ ମୁହୂର୍ତ୍ତ। ସେଠି ବଡ଼ ନଥିଲା ଦେହ, ବଡ଼ ଥିଲା ବିଶ୍ୱାସର ଭଲ ପାଇବା ସେହି ପ୍ରେମ ଆବେଗର ତାଜମହଲ ଯେତେବେଳେ ଭୁଷୁଡ଼ି ଗଲା ସବୁ ତ ସରିଗଲା ଏବଂ ଆମ ଜୀବନକୁ ଆମ ଅନ୍ଧାରର ଏକ କାଳରାତ୍ରୀକୁ ଯେଉଁ ରାତ୍ରୀର ସକାଳ ହିଁ ନାହିଁ। ଜୀବନ ଯୁଦ୍ଧର ଲଢ଼େଇ ଭିତରେ ଆମେ ସମସ୍ତେ ଆଶା କରୁଛୁ ସେହି ନୂଆ ଜୀବନକୁ ଯେଉଁ ଜୀବନରେ ଅଛି ବିଶ୍ୱାସର ଫଳଶ୍ରୁତି, ପ୍ରେମର ପରିଭାଷା, ମାଆର ପ୍ରାର୍ଥନା, ପିଲାମାନଙ୍କ ଦୃଢ଼ ନିଷ୍ପ ଆବେଗ, ଆତ୍ମୀୟ ମାନଙ୍କର ଆଶୀର୍ବାଦ ଏବଂ ବନ୍ଧୁ ମାନଙ୍କ ଦୁଃଖ ଭିତରେ କୋଳେଇ ନେବାର ସ୍ନେହ। ସବୁ କିଛି ସରିଯାଉଛି ଜୀବନ ଲମ୍ବା ଲଢ଼େଇର କ୍ଷେତ୍ର ନୁହେଁ ଆସନ୍ତୁ ନିଜକୁ ଟିକେ ବିଚାର କରିବା ଏବଂ ସର୍ବୋପରି ଏହି ବିଚାରର ଶେଷ ଠିକଣା ଦେବା ସେହି ପ୍ରେମପ୍ରଣୟିନୀକୁ ଦେବା ଭଗବାନ ସଦୃଶ ବପା-ମାଆଙ୍କୁ। ଥରେ ନିଜ ହୃଦୟକୁ ପଚାରି, ଆତ୍ମାକୁ ପଚାରି ବୁଝନ୍ତୁତ ମୁଁ କ'ଣ ଭୁଲ ଲେଖୁଛି ?


ଶ୍ରୀକାନ୍ତ କୁମାର ସାହୁ

ବିଡ଼ାନାସୀ, ନୂଆସାହି, କଟକ,
ଦୂରଭାଷ : ୭୦୦୮୩୨୫୭୩୧

# ଓଡ଼ିଶା ବିଜେପି ଓ ପିକେଙ୍କ ଭବିଷ୍ୟ ବାଣୀ


ଗୋପୀନାଥ ଦାଶ

ଓଡ଼ିଶା ରାଜନୀତିରେ ନୁହଁ ତମାମ ଭାରତୀୟ ରାଜନୀତିରେ ରାଜନୀତି ବିଷୟରେ ସର୍ବନିମ୍ନ ଜାଣିଥିବା ବା ରାଜନୀତିରେ ଆଗ୍ରହ ରଖୁଥିବା ଯେ କେହି ଲୋକଟା ପିକେ ବା ପ୍ରଶାନ୍ତ କିଶୋରଙ୍କୁ ବେଶ୍ ଭଲ ଭାବରେ ଜାଣିଥିବେ। ଜଣେ ନାମାଜାଦା ରାଜନୈତିକ ରଣନୀତିକାର ଭାବେ ସେ ବେଶ୍ ପ୍ରସିଦ୍ଧ। ୨୦୧୪ ଲୋକସଭା ନିର୍ବାଚନରେ ସେ ବିଜେପିର ମୁଖ୍ୟ ରଣନୀତିକାର ଥିଲେ। ସେସମୟରେ କେହି ବିଜେପିର ଏପରି ସମ୍ଭାବ୍ୟ ବିଜୟ ଲହରୀକୁ ନେଇ ମାପି ପାରିନଥିବା ବେଳେ ସେ କିନ୍ତୁ ବିଜେପିର ଜିତାପଟ ପାଇଁ କାର୍ଯ୍ୟ କରୁଥିଲେ। ପରେ ୨୦୨୧ରେ ପଶ୍ଚିମ ନିର୍ବାଚନରେ ତୃଣମୂଳ କଂଗ୍ରେସ ତାଙ୍କୁ ନିଜ ରଣନୀତିକାର ଭାବେ ଉପଯୋଗ କରି ବେଶ୍ ଫାଇଦା ଉଠାଇଥିଲା। ସେସମୟରେ ପ୍ରଶାନ୍ତ କିଶୋର ଯାହା ଭବିଷ୍ୟ ବାଣୀ କରିଥିଲେ ସବୁ ସତ ହୋଇଥିଲା। ଏବେ ଆସିବା ୨୦୨୪ ଲୋକସଭା ନିର୍ବାଚନ ବିଷୟରେ ଆଲୋଚନା ପାଇଁ। ସହଜେ ବିଜେପିର ତମାମ ଦେଶରେ ପ୍ରଚଣ୍ଡ ହାଓ୍ୱା ରହିଛି। ମୋଦିଜୀଙ୍କ ଦୃଢ଼ ଆସ୍ଥା ଓ ବିଶ୍ୱାସ ଭାରତୀୟଙ୍କ ଭିତରେ ଏକ ଜାଗରଣ ସୃଷ୍ଟି କରିଛି। କେନ୍ଦ୍ରରେ ବିଜେପି ଯେ ଫେରୁଛି ତାହା ବିରୋଧୀମାନେ ମଧ୍ୟ ଗ୍ରହଣ କରିସାରିଲେଣି। ସହଜେ ତ ଭାରତୀୟ ରାଜନୀତିରେ ବିରୋଧିମାନେ ଦିନକୁ ଦିନ ଲାଞ୍ଛିଣ୍ଡା ଚରିତ୍ର ପରି ପାଲଟିଗଲେଣି। ତେବେ ବଡ଼ କଥା ହେଉଛି ଭାରତୀୟ ରାଜନୀତିରେ ବିଜେପି ଯେଉଁପରି ଭାବେ ଦିନକୁ ଦିନ ତୃଣମୂଳ ସ୍ତରରୁ ବେଶ୍ ସଙ୍ଗଠିତ ହୋଇ ଦିନକୁ ଦିନ ତାହା ଦୁର୍ଗ ମଜବୁତ୍ କରୁଛି ଅନ୍ୟ ବିରୋଧୀମାନେ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ପଛରେ ପଡ଼ିଯାଇଛନ୍ତି।

ଓଡ଼ିଶାରେ ରାଜନୀତି ପୁରାପୂରି ସରଗରମ ରହିଛି। ବିଜେଡ଼ି-ବିଜେପି ଭିତରେ ମେଣ୍ଟ ହେବ ବୋଲି ଅନେକ ଚର୍ଚ୍ଚା, ଆଲୋଚନା ଚାଲିଥିଲା। ଏକ ନ୍ୟୁଜ୍ କନକ୍ଲେଭ୍‌ରେ ଭି.କେ. ପାଣ୍ଡିଆନ କହିଥିଲେ ଯେ ଭାଜପାର ବିନା ସମର୍ଥନରେ ଓଡ଼ିଶାରେ ବିଜେପି ବିପୁଳ ସଂଖ୍ୟା ଗରିଷ୍ଠତା ପାଇ ସରକାର ଗଢ଼ିବ। ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡ଼ିକୁ ୯୦ ଭାଗ ଆସନ ମିଳିଥିଲା ବୋଲି ବେଶ୍ ଦୃଢ଼ୋକ୍ତି ମଧ୍ୟ ଦେଖାଇଥିଲେ। କିନ୍ତୁ ୨୦୨୪ରେ ମେଣ୍ଟ ପରିକଳ୍ପନା ଏକପ୍ରକାର ଆକାଶ କଇଁଆ ଚିଲିକା ମାଛ ହୋଇଗଲା ପରେ ବିଜେଡ଼ି ନେତୃତ୍ୱ ନର୍ଭସରେ ରହିଛି। କିଛିଦିନ ତଳେ ବିଜେଡ଼ିର ବଡ଼ ବଡ଼ ମାମଲତକାରମାନେ ବହୁ ଜୋର୍‌ଦାର ଭାବରେ କହୁଥିଲେ ଯେ ବିଜେଡ଼ି ଏଥର ବିଧାନସଭା ଓ ଲୋକସଭା ସିଟ୍ ସବୁ ଏକପାଖିଆ ପୋଛି ନେଇଯିବ। ଇଆଡ଼େ ବିଜେଡ଼ି ଅନ୍ୟ ଦଳରୁ ନେତା ଗୋଟେଇ ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତି ହେଉଛି। ତେବେ ସବୁଠାରୁ ବଡ଼କଥା ହେଲା ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋର ଯେଉଁ ଭବିଷ୍ୟବାଣୀ କରିଛନ୍ତି ତାହା ପୁଣି ଓଡ଼ିଶାରେ ବିଜେପିର ସମ୍ଭାବ୍ୟ ବିଜୟକୁ ନେଇ, ଏହା ତ ବିଜେଡ଼ିର ଛାମୁଆଁ ନେତା ତଥା ମାର୍ଗଦର୍ଶକଙ୍କ ହୋସ୍ ଉଡ଼ାଇବାକୁ ଯଥେଷ୍ଟ। ପ୍ରଶାନ୍ତ କିଶୋର ପିଟିଆଇସ ଏକ ସାକ୍ଷାତ୍କାରରେ କହିଛନ୍ତି ୨୦୧୪ କିମ୍ବା ୨୦୧୯ରେ ତାମିଲନାଡୁ ହେଉ ବା ଆନ୍ଧ୍ରପ୍ରଦେଶ, ଓଡ଼ିଶା ହେଉ ବା ତେଲେଙ୍ଗାନା, ପଶ୍ଚିମବଙ୍ଗ ବା ବିହାର ୫୦ ଆସନରୁ ଅଧିକ ସିଟ୍ ବିଜେପି ପାଇପାରିନଥିଲା। ୨୦୧୪ରେ ୨୯ଟି ଓ ୨୦୧୯ରେ ୪୭ ସିଟ୍ ବିଜେପି ଦଖଲ କରିଥିଲା। ତେବେ ପ୍ରଶାନ୍ତ କିଶୋରଙ୍କ ଆଶ୍ଚର୍ଯ୍ୟ ଚକିତ କଲାପରି ଭବିଷ୍ୟବାଣୀ ହେଉଛି ଯେ ଓଡ଼ିଶାରେ ଆଉ ପଶ୍ଚିମବଙ୍ଗରେ ବିଜେପି ଏକ ନମ୍ବର ସ୍ଥାନ ଦଖଲ କରିବ। ଅର୍ଥାତ୍ ଏହି ଦୁଇଟି ରାଜ୍ୟରେ ବିଜେପି ଶାସନଗାଦିକୁ ଫେରୁଛି।

ଲୋକସଭା ସିଟ୍ କ୍ଷେତ୍ରରେ ୨୦୧୪ରେ ବିଜେପି ଓଡ଼ିଶାରୁ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଜିତି ମାତ୍ର ଗୋଟିଏ ଲୋକସଭା ସିଟ୍ ହାତେଇଥିଲା। କିନ୍ତୁ ବିଜେଡ଼ି କ୍ଲିନ୍ ସୁଇପ୍ କରିଥିଲା, କିନ୍ତୁ ୨୦୧୯ରେ ଲୋକସଭାର ୩୮% ଭୋଟ୍ ହାର ସହ ୮ଟି ଆସନ ଦଖଲ କରିଥିଲା ଆଉ ୪ଟି ସଂସଦୀୟ କ୍ଷେତ୍ରରେ ବିଜେଡ଼ିକୁ ଅଣନିଃଶ୍ୱାସୀ କରି ଏକପ୍ରକାର ପାଣି ପିଆଇ ଦେଇଥିଲା ମଇଦାନରେ। ଏଯାବତ୍ ଯେତିକି ଜନମତ ସର୍ଭେ ହୋଇଛି ବିଜେଡ଼ି ଓ ବିଜେପି ଉଣେଇଶ୍-ବିଶ୍ ସ୍ଥିତିରେ ଅଛନ୍ତି। ବିଜେପିର ଭୋଟ ହାର ଦିନକୁ ଦିନ ବଢୁଛି ଆଉ ଓଡ଼ିଶାରେ ଶାସନ ବିରୋଧୀ ଅର୍ଥାତ୍ ବିଜେଡ଼ି ବିରୁଦ୍ଧରେ ଜନମତର ଲହରୀ ରହିଛି। ଅନେକ ହୁଏତ ଆଶ୍ଚର୍ଯ୍ୟ ଚକିତ ହୋଇପାରନ୍ତି। ଏଠାରେ ଗୋଟିଏ ଛୋଟିଆ ଉଦାହରଣ ଦେଉଛୁ। ଯାଜପୁର ଜିଲ୍ଲାର ତମାମ ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ପ୍ରଭାବ ଓ ଦବ୍‌ଦବା କୁହାଯାଏ। ଏହି ଜିଲ୍ଲାକୁ ବିଜେଡ଼ିର ଭୋଟ ରାଜନୀତି କ୍ଷେତ୍ରରେ ଅଭେଦ ଦୁର୍ଗ ବୋଲି କୁହାଯାଏ। ଏହି ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀ ଏକ ହାଇ ଭୋଲଟେଜ୍ ଲଢ଼େଇ ହେଉଥିବା ନିର୍ବାଚନ ମଣ୍ଡଳୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ବିଜେଡ଼ିର ପୁରୁଣା ନେତା ଅମର ପ୍ରସାଦ ଶତପଥୀ ଜିତି ଆସୁଛନ୍ତି। ଅମର ପ୍ରସାଦ ଶତପଥୀଙ୍କୁ କେହି କେହି ପ୍ରଭାବଶାଳୀ, ଅନୁଭବୀ ଓ ଦକ୍ଷ ନେତା ଭାବେ କୁହନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ମାତ୍ର ପନ୍ଦର ଶହରୁ କମ୍ ଭୋଟ୍ ବ୍ୟବଧାନରେ ଏଠାରୁ ବିଜେପିର ତରୁଣ, ଉଦୀୟମାନ ଓ ଛାତ୍ର ଜୀବନରୁ ଦେଶ, ସମାଜ ପାଇଁ ସଂଗ୍ରାମ କରୁଥିବା ଲଡୁଆ ପୁଅ ଅମର ନାୟକ ଅଳ୍ପେକେ ହାରି ଯାଇଥିଲେ। ତଥାକଥିତ ସରକାରୀ ଦଳ, ବଳ, କୌଶଳ, ଅର୍ଥ, ପତିପତି ସବୁ ଆଗରେ ଜଣେ ଯୁବବ୍ୟକ୍ତିତ୍ୱ ଲଢ଼େଇକରି ବିଜୟର ପାଖାପାଖି ପହଞ୍ଚିପାରିଥିଲେ। ତାଙ୍କ ପାଖରେ ଅର୍ଥବଳ, ବାହୁବଳ ବା କ୍ଷମତା, ପତିପତି କିଛିହିଁ ନଥିଲା। ଅମର ନାୟକଙ୍କୁ ଯିଏ ଜାଣିଥିବେ ପାଖରୁ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ସଙ୍ଗଠକ ତଥା ଦଳ ପାଇଁ ସମର୍ପିତ ଉଦୀୟମାନ ବ୍ୟକ୍ତିତ୍ୱ ଭାବେ ଜାଣନ୍ତି। କିଛି ଦିନ ତଳେ ମୋଦିଜୀ ଏହି ଚଣ୍ଡିଖୋଲରେ ଏକ ଦଳୀୟ ସମାବେଶରେ ଯୋଗ ଦେଇଥିଲେ। ଏଥିରେ ଅଭୁତପୂର୍ବ ଜନସମାଗମ ହୋଇଥିଲା। ମୋଦିଜୀଙ୍କୁ ଦେଖିବା ପାଇଁ ଲୋକମାନଙ୍କର ଆଗ୍ରହ ରହିଥିବା ସହ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା ଯେ ଅମର ନାୟକଙ୍କ ସହିତ ସ୍ଥାନୀୟ ଜନସାଧାରଣଙ୍କ ଭାବାବେଗ କେଉଁପରି ଭାବରେ ରହିଛି। କେବଳ ଯାଜପୁରର ବଡ଼ଚଣା ନୁହେଁ ଗତ ନିର୍ବାଚନରେ ବିଜେପି ପାଖାପାଖି ତିରିଶରୁ ଉର୍ଦ୍ଧ୍ୱ ବିଧାନସଭା ସିଟରୁ ପରାସ୍ତ ହୋଇଛି ମାତ୍ର ଦୁଇ ହଜାରରୁ କମ୍ ଭୋଟ୍ ବ୍ୟବଧାନରେ। ଚଳିତ ଥର ମୋଦିଜୀଙ୍କ ହାଓ୍ୱା ଦିନକୁ ଦିନ ବଢ଼ିବା ସହ ଓଡ଼ିଶାରେ ବର୍ଷ ବର୍ଷ ଧରି ଶାସନକୁ ଯାବୁଡ଼ି ଧରିଥିବା ଦଳ ବିରୁଦ୍ଧରେ ମଧ୍ୟ ପାଣିପାଗ ରହିଛି। ଏହାକୁ ତେଜିୟାନ କରିପାରିଲେ ହେଲା। ତେଣୁ ଓଡ଼ିଶାରେ ବିଜେପି ଏହି ସମୀକରଣକୁ ଦୃଷ୍ଟିରେ ରଖି ଜନମତର ସ୍ରୋତକୁ ବୁଝାଇ ପାରିଲେ ପ୍ରଶାନ୍ତ କିଶୋରଙ୍କ ଭବିଷ୍ୟବାଣୀ ଯେ ନିଶ୍ଚିନ୍ତ ସତ୍ୟ ଏହା ଅମୂଳକ ନୁହେଁ।

ଲୋକସଭା ଓ ବିଧାନସଭା ନିର୍ବାଚନରେ ପ୍ରାୟତଃ ସ୍ଥାନୀୟ ପ୍ରସଙ୍ଗ ବଡ଼ ଗୁରୁତ୍ୱ ରଖିଥାଏ। ଜାତୀୟ ପ୍ରସଙ୍ଗର ଗୁରୁତ୍ୱ ସବୁବେଳେ ରହୁଥିବାବେଳେ କେବଳ ଭାରତରେ ନୁହେଁ ଓଡ଼ିଶାରେ ମଧ୍ୟ ବିଜେପିର ପୋଷ୍ଟର ବୟ ସ୍ୱୟଂ ମୋଦିଜୀ। କଥା ଉଠୁଛି ମୋଦିଜୀଙ୍କ ହାଓ୍ୱା ଦିନକୁ ଦିନ ବଢୁଥିବା ବେଳେ ପାଣ୍ଡିଆନଙ୍କ କୌଣସି ହାଓ୍ୱା ତ ନାହିଁ। ତେଣୁ କେବଳ ସଂସଦୀୟ କ୍ଷେତ୍ର ନୁହେଁ ବିଧାନସଭାରେ ବିଜେପି ମଧ୍ୟ ଚମକାଇ ଦେଲାପରି ଗଣିତ ଯେ କଷିପାରେ ଏହାକୁ ଅନୁମାନ କରିବା ଆଦୌ ଅସଙ୍ଗତ ହେବନାହିଁ। ପ୍ରଶାନ୍ତ କିଶୋର ଏହା ମଧ୍ୟ ଯୋଡ଼ିଛନ୍ତି ଯେ ଦକ୍ଷିଣ ଓ ପୂର୍ବ ଭାରତରେ ବିଜେପିର ଭୋଟ୍ ହାର ବଢ଼ିବ। ତେଲେଙ୍ଗାନାରେ ଭଲ ଫଳ କରିବା ସହ ଆନ୍ଧ୍ରପ୍ରଦେଶରେ ମଧ୍ୟ ଟିଡିପି ସହ ମେଣ୍ଟ କରିବା ପରେ ସ୍ୱାଭାବିକ ଭାବେ ଭୋଟ ହାର ବଢ଼ିବ। ହିନ୍ଦୀ ଭାଷାଭାଷୀ ରାଜ୍ୟରେ ବିଜେପିର ମଜବୁତ ସ୍ଥିତି ରହିଛି। ଭାରତରେ ଆଞ୍ଚଳିକ ଦଳ ଦିନକୁ ଦିନ ପୂର୍ବ ପରି ଆଉ ପ୍ରଭାବୀ ଓ ସ୍ଥାନୀୟ ପ୍ରସଙ୍ଗକୁ ନେଇ ଲୋକମାନଙ୍କ ପାଖରେ ବିଶ୍ୱାସଭାଜନ ହୋଇପାରୁ ନାହାନ୍ତି। କଥାରେ ଅଛି କ୍ରିକେଟ ଓ ରାଜନୀତି ବିଷୟରେ ଠିକ୍ ପାଣିପାଗ ପରି କିଛି ଅନୁମାନ ଲଗାଇବା ସଠିକ୍ ନ ହୋଇପାରେ। କିନ୍ତୁ ଜଣେ ନାମାଜାଦା ରାଜନୀତି ରଣନୀତିକାର ଆଉ ଢେର୍ ନିଜ ଦକ୍ଷତା ଦେଖାଇ ପାରିଥିବା ପ୍ରଶାନ୍ତ କିଶୋରଙ୍କ ପୂର୍ବାନୁମାନ କେତେ ସତ ସାବ୍ୟସ୍ତ ହେଉଛି ଏହା ଜାଣିବାକୁ ଆଉ ବେଶି ଅପେକ୍ଷା କରିବାକୁ ପଡ଼ିବ ନାହିଁ। କିନ୍ତୁ ଏହା ବଡ଼ ସତ୍ୟ ଯେ ଓଡ଼ିଶାରେ ବିଜେପି ତା ଦୁର୍ଗକୁ ମଜବୁତ କରିବା ସହ ଜନମତକୁ ନିଜ ଆଡ଼କୁ ଟାଣିପାରିଲେ ଯେକୌଣସି ନୂଆ ରେକର୍ଡ ବି ହୋଇପାରେ।

ବରଦା, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୮୮୯୫୨୯୬୧୬୭

# ସାରା ରାଜ୍ୟରେ ଉପରମୁହାଁ ପାରଦ


ହିମାଂଶୁ ଶେଖର ଆଚାର୍ଯ୍ୟ

ଭୁବନେଶ୍ୱର କାହିଁକି ସାରା ଓଡିଶାରେ ଭୀଷଣ ତାତି ଯେମିତି ତତଲା କଡେଇରେ ଭାଜିହେଉଛି । ପ୍ରଥମ ଥର ପାଇଁ ଶୁକ୍ରବାର ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଛୁଇଁଥିଲା । ୪୩.୫ଡିଗ୍ରୀ ସହ ଭୁବନେଶ୍ୱର ପାଲଟିଛି ଦେଶର ଦ୍ୱିତୀୟ ଏବଂ ଏସିଆର ଷଷ୍ଠ ଉ□ପ୍ତ ସହର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଏନେଇ ସୂଚନା ଦେଇଛନ୍ତି ଏସିଆର ୧୦ ଉ□ପ୍ତ ସହର ତାଲିକାରେ ରହିଛନ୍ତି ଭାରତର ୫ ସହର । ୪୫.୭ଡିଗ୍ରୀ ସହ ମିଆଁମାରର ଚାଉକ୍ ସର୍ବାଧିକ ଉ□ପ୍ତ ସହର ହୋଇଛି । କେବଳ ରଜଧାନୀ ନୁହେଁ ସାରାରଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢିଥିବା ଦେଖିବାକୁ ମିଳୁଛି । ଅନୁଗୋଳ, ଝାରସୁଗୁଡା, ତାଳଚେର, ଟିଟିଲାଗଡ, ମାଲକାନଗିରି, ନୟାଗଡ, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୪୨ ଡିଗ୍ରୀ ବା ତାଉପରେ ରହିଛି ଆସନ୍ତା ଦୁଇଦିନ ରାଜ୍ୟର କିଛି ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ବଢିବାର ସମ୍ଭାବନା ରହିଛି । ବ□ମାନର ସ୍ଥିତିକୁ ଲକ୍ଷ୍ୟକରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାକୁ ହିଟ୍‌ଓ୍ୱେଭ ପାଇଁ ଚେତାବନୀ ଜାରି କରାଯାଇଛି । କାରଣ ଖୋଜିଲେ ଜଣାଯାଏ ସକାଳ ସମୟରେ ବାୟୁମଣ୍ଡଳର ତଳଭାଗର ବାୟୁ ଚଳାଚଳ ପଶ୍ଚିମଦିଗରୁ_ ବ□ମାନ ଉ□ର ପଶ୍ଚିମ ଦିଗରୁ ଶୁଷ୍କ ଓ ଗରମ ବାୟୁ ପ୍ରବାହିତ ହେଉଛି, ଯେଉଁ କାରଣରୁ ତାପମାତ୍ରା ବଢୁଛି ଏବଂ ସ୍ଥଳଭାଗ ଉ□ପ୍ତ ହେଉଛି ।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୁରା ଶୁଖିଲା । ଉ□ର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ଫେବୃୟାରୀ ଆରମ୍ଭରୁ ଏସି ପଙ୍ଖାର ଆବଶ୍ୟକତା ପଡିଲାଣି । ବାହାରେ ଖରା ବାଧିଲାଣି । ଶୀତର ବେଳକାଳ ସରିନି । ସତେ ଯେମିତି ଲାଗୁଛି ଏହା ଫେବୃୟାରୀ ନା ମାର୍ଚ୍ଚମାସ ! ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ । ପୂର୍ବରୁ ମଧ ଫେବୃଆରୀରେ ତାପମାତ୍ରା ବଢିବାର ରେକର୍ଡ ରହିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା ।ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ସର୍ବାଧିକ ହୋଇଥିବା ଆମେ ଜାଣିଛେ। ଏବର୍ଷ ଏପ୍ରିଲରୁ ଆକାଶରୁ ନିଆଁବର୍ଷାକୁ ଦେଖି ଚଳିତ ବର୍ଷ ତାତି ସମସ୍ତ ରେକର୍ଡ ଭାଙ୍ଗିବ ବୋଲି ଆଶଙ୍କା କରାଯାଉଛି ।

ବିଶ୍ୱତାପାୟନ ବୃଦ୍ଧି ଯୋଗୁଁ ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବ□ନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ହେମନ୍ତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବ□ନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସ□େ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅ□ଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଜାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା। ୨୦୧୬ରେ ୫୪ଜଣ,୨୦୧୭ରେ ୪୫ଜଣ, ୨୦୧୮ରେ ୬୦ଜଣ,୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି ।ସେହିପରି ବ□ମାନ ସୁଦ୍ଧା ରାଜ୍ୟରେ ଅଂଶୁଘାତରେ ଆଠଜଣ ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଏଥିପ୍ରତି ଦୃଷ୍ଟି ଦେବାକୁ ହେବ । କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ। ଗଛକଟା ଅବାଧରେ ଚାଲିଛି। କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି। କିନ୍ତୁ ସେଥିରୁ ବ□ୁଛି କେତେ ତାହାର ହିସାବ କାହା ପାଖରେ ନାହିଁ। 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି। ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର। କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ। ଆମକୁ ମଧ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବ□ାଇ ରଖିବାକୁ ହେବ। ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ। ଏଠାରେ ସୂଚନା ଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବ□ନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଯେ ଯଦିଓ ୨୦୨୩ ମସିହା ସବୁଠାରୁ ଉ□ପ୍ତ ବର୍ଷ ଥିଲା ତଥାପି ବ□ମାନ ସ୍ଥିତିକୁ ଦେଖିଲେ ଆସନ୍ତା ବର୍ଷ ମେ , ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ସମୟରେ ପରିବ□ନ କରିଛନ୍ତି । ସେହିପରି ଏପରିକି ଖୋର୍ଦ୍ଧା ଜିଲ୍ଲାରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡି ପାଇଁ ସମୟ ସକାଳ ୬.୩୦ରୁ ଖୋଲଯାଇ ୧୦.୩୦ରେ ଛୁଟି ହେବ । ବିଦ୍ୟାଳୟ ପରିସରେ ପାନୀୟଜଳ ମହଜୁଦ କରି ରଖିବାକୁ ପରାମର୍ଶ ଦିଆଯାଇଛି । ସେହିପରି ରୌଦ୍ରତାପ ଜନିତ ଅଂଶୁଘାତ ଆଶଙ୍କା ଥିବାରୁ କାର୍ଯ୍ୟରତ ଶ୍ରମିକମାନଙ୍କୁ ୧୧ଟାରୁ ଅପରାହ୍ନ ୩.୩୦ମଧ୍ୟରେ କାମ ନକରିବା ପାଇଁ କୁହାଯାଇଛି । ଏଥିପାଇଁ ସମସ୍ତ ରାଜସ୍ୱ କମିଶନର, ଜିଲ୍ଲାପାଳ ଏବଂ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଇଏତ ଗଲା ମଣିଷଙ୍କ କଥା ପଶୁପକ୍ଷୀଙ୍କ ଅବସ୍ଥା କହିବା ଆହୁରି ତଦ୍ରୂପ । କେତେକ ସ୍ଥଳରେ କିଛି ପଶୁପକ୍ଷୀ ପାଣି କୁଣ୍ଡରେ ପଶୁଛନ୍ତି ତ ଆଉ କିଛି ଜୀବଜନ୍ତୁ ଛାଇରେ ନେଉଛନ୍ତି ଆଶ୍ରୟ । ନନ୍ଦନକାନନରେ ଜୀବଜନ୍ତୁଙ୍କୁ ବି ଗରମରୁ ମିଳୁନି ନିସ୍ତାର । ଏପରି ସ୍ଥଳେ ମଣିଷଙ୍କ ସହିତ ପଶୁପକ୍ଷୀଙ୍କୁ ତାତିର ପ୍ରକୋପରୁ ରକ୍ଷା କରିବା ପାଇଁ ବିଭିନ୍ନ ଜାଗାରେ ପାଣିକୁଣ୍ଡ ରଖିବା , ଜଳଛତ୍ର ଖୋଲିବା, ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ନହାତି ଜରୁରୀ କାମ ନଥିଲେ ନବାହାରିବା ଓ ଆବଶ୍ୟକସ୍ଥଳେ ଛତା ଓ ପାଣିବୋତଲ ସାଙ୍ଗରେ ନେବା ଭଳି ପ୍ରତିଶେଧକ ବ୍ୟବସ୍ଥା ଉପରେ ଗୁରୁେତ୍ୱ ଦେବାକୁ ପଡିବ । ଏହାହିଁ ସମୟର ଆହ୍ୱାନ ।

ତି□ୋଲ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨




# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ



ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତତ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକ□, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

# ଗୋଚ଼ାରା ଭୂମି ପାଲିଟିଛି ହାଇଲେବଲ୍ କେନାଲ୍,ଜଳ ସେଚ଼ନରୁ ବଞ୍ଚିତ ଅନେକ ଚ଼ାଷୀ

ଜେନାପୁର,(ପି.ଏନ୍): ଇତିହାସ କହେ ରାଜା ମହାରାଜା ସମୟରେ ଇଂରେଜ ମାନେ ବ୍ରାହ୍ମଣୀ ନଦୀକୁ ଶିଳ୍ପ ବାଣିଜ୍ୟ କରିବା ପାଇଁ ଶ୍ରେଷ୍ଠ ଜଳପଥ ଭାବେ ନିର୍ଣ୍ଣୟ ନେଇଥିଲେ । ଯାହା ଆଜିକା ଦିନରେ ଜେନାପୁର ହାଇଲେବଲ୍ କେନାଲ୍ ନାମରେ ପରିଚ଼ିତ ଲାଭ କରିଛି । ଏହି ଜେନାପୁର ହାଇଲେବଲ୍ କେନାଲ୍ ଦେଇ କଟକ ଅଭିମୁଖେ ଇଂରେଜ ମାନେ ଯାହାଜ ମାଧ୍ୟମରେ ନୌବାଣିଜ୍ୟ କରୁଥିଲେ । ଏହି ସ୍ଥାନଟି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଠାରେ ଅବସ୍ଥିତ । ମୁଖ୍ୟତଃ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ବୃହତ୍ତ ପମ୍ପସେଟ୍ ମାଧ୍ୟରେ ଜଳ ନେବା ଦ୍ୱାରା ନଦୀର ଜଳ ପତ୍ତନ ଧିରେ ଧିରେ ହ୍ରାସ ପାଇବାକୁ ଲାଗିଲାଣି । ଏ ଅଞ୍ଚଳର କୂଅ ,ନଳକୂପ,ପୋଖରୀ ଧିରେଧିରେ ଜଳର ସ୍ତର ହ୍ରାସ ପାଇବାକୁ ଲାଗିଲାଣି । ଦେଖିବାକୁ ଗଲେ ନଦୀର ଜଳ ଅଜଥାରେ ଜୋକଡିଆ ବ୍ୟାରେଜ୍ ଦେଇ ସମୁଦ୍ର ମୁଖୀ ବହିଯାଉଛି । ହେଲେ ଜଳକୁ ବ୍ୟାରେଜ୍ ମାଧ୍ୟମରେ ରୋକା ଯାଇ କେନାଲ୍ ସଂଯୋଗ କରୁଥିବା ଚ଼ାଷ ଜମିରେ ଜଳର ବିନିଯୋଗ କଲେ ଅଭାବ ରୁହନ୍ତା ନାହିଁ । ଉନ୍ନତ ମାନର ବ୍ୟାରେଜକୁ ନିର୍ମାଣ କାର୍ଯ୍ୟକୁ ହାତକୁ ନେଇ ସରକାର କାର୍ଯ୍ୟାକାରୀ କଲେ ନଦୀ ଜଳକୁ କେନାଲ ମାଧ୍ୟମରେ ନେଇ ଚ଼ାଷ କାର୍ଯ୍ୟରେ ଉପଯୋଗୀ ହୋଇପାରନ୍ତା । ପରିତାପର ବିଷୟ ଦୀର୍ଘ ଦିନ ଧରି ଜଳ ସ୍ରୋତ ହ୍ରାସ ପାଇବାରୁ ବ୍ରାହ୍ମଣୀ ନଦୀକୁ ସଂଯୋଗ ହୋଇଥିବା ହାଇଲେବଲ୍ କେନାଲ ଶୁଖିଲା ପଡ଼ିଥ ?ବା ଦେଖିବାକୁ ମିଳିଛି । ପଡ଼ିଆର ଭ୍ରମ ସୃଷ୍ଟି କରୁଥିବାବେଳେ କେନାଲ ଭିତରେ ଗାଈ ଗୋରୁ ଚ଼ରାବୁଲା କରିବା ସହିତ ଗ୍ରାମର ପିଲାମାନେ ସଫା କରି କ୍ରିକେଟ୍ ଖେଳ କରିଥାନ୍ତି । ଇଂରେଜ ଶାସନ କାଳରୁ ନିର୍ମାଣ ହୋଇଥିବା ଏହି କେନାଲ କଟକ ଜିଲ୍ଲାର ଜଗତପୁର ପର୍ଯ୍ୟନ୍ତ ରହିଛି । ଏହି ହାଇଲେବଲ କେନାଲର ମୁଖ୍ୟ ଉଦ୍ଦେଶ୍ୟ ଚ଼ାଷଜମିକୁ ଜଳସେଚ଼ନ କରି ଚ଼ାଷୀଙ୍କୁ ଉପକୃତ କରିବା। ଏହା ପୋତି ହୋଇପଡ଼ିବା କାରଣରୁ ଏବେ ଏଠାରେ ପାଣି ବୁହାଏ ନାହିଁ ଓ ଯାହାକି ଚ଼ାଷ କାମ ଓ ଚ଼ାଷୀଙ୍କ ମୁଖ୍ୟ ସମସ୍ୟା ସାଜିଛି । କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଚ଼ାଷୀ କେନାଲ ଉପରେ ଭରଷା କରି ଚ଼ାଷ କରୁଥିବା ବେଳେ ହଜାର ହଜାର ହେକ୍ଟର ଜମି ଏବେ ପାଣି ପାଇଁ ଉଜୁଡ଼ି ଯାଉଛି । କେବଳ ବର୍ଷା ଋତୁକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମୟରେ କେନାଲରେ ପାଣି ରହୁନାହିଁ । ଜାରକା ଜଳସେଚ଼ନ ବିଭାଗ ଅଧୀନରେ ଥିବା ଏହି ହାଇଲେବୁଲ କେନାଲର ଉନ୍ନତିକରଣ ଓ ରକ୍ଷଣବେକ୍ଷଣ ନିମନ୍ତେ ବିଭାଗ ପକ୍ଷରୁ ବହୁ ମୋଟା ଅଙ୍କର ଅର୍ଥ ମଧ୍ୟ ମଞ୍ଜୁର କରାଯାଉଛି । କିଛି ମାସ ପୂର୍ବ ? ଏହାକୁ ବିଭିନ୍ନ ସ୍ଥାନରେ ଖୋଳା ଯାଇ ଗଭୀର କରାଯାଇଥିବା ଜଣାପଡ଼ିଛି। ଏବେ ଏହା ଶୁଖିଲା ପଡ଼ିଛି ଓ ଗୋରୁ ଚ଼ରୁଛନ୍ତି । ଏହି କେନାଲର ପୁନରୁଦ୍ଧାର କରାଯାଇ ପାଣି ଛାଡ଼ାଯିବାକୁ ପ୍ରାୟ ୪୦ କିମିରୁ ଊର୍ଦ୍ଧ୍ୱ ହେବ ଏହି କେନାଲକୁ ଇଂରେଜମାନେ ୧୮୮୭ରେ ନିର୍ମାଣ କରିଥିବା ଶୁଣାଯାଏ । ଉକ୍ତ କେନାଲର ରକ୍ଷଣାବେକ୍ଷଣ ପାଇଁ ଜଳସେଚ଼ନ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଉକ୍ତ କେନାଲରେ ସବୁ ସମୟରେ ପ୍ରବଳ ପାଣି ରହୁଥିଲା ଓ କେନାଲ ଅଞ୍ଚଳରେ ଥିବା ଚ଼ାଷ ଜମିରେ ଚ଼ାଷୀ ବିଭିନ୍ନ ପ୍ରକାର ଫସଲ କରି ବିଶେଷ ଉପକୃତ ହେଉଥିଲେ । ତେବେ କିଛି ବର୍ଷ ହେବ ଉକ୍ତ କେନାଲ ଧୀରେ ଧୀରେ ପୋତି ହେବାକୁ ଲାଗିଛି। ସେଥି ?ପାଇଁ କେନାଲରେ ପାଣି ରହୁନାହିଁ । ଚ଼ାଷୀମାନେ ପାଣି ବିନା ଚ଼ାଷ କରିପାରୁନାହାନ୍ତି। ଏହାର ଉନ୍ନତି ପାଇଁ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଆସୁଛି ଓ କିନ୍ତୁ ସାଧାରଣ ଚ଼ାଷୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ।

# ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା(ସ୍ୱିପ) ରଥ'ର ଶୁଭାରମ୍ଭ

ବାଲେଶ୍ୱର(ପିଏନ)- ଉପ-ନିର୍ବାଚନ ପାଇଁ ମତଦାତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା (ସ୍ୱିପ) ରଥ'ର ଯାତ୍ରା ଆରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ୩୨ଟି ସ୍ୱିପ ରଥ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିଭିନ୍ନ ବୁଥ୍ ପରିକ୍ରମା କରି ଭୋଟରମାନଙ୍କୁ ନିର୍ବାଚନ ଓ ଭୋଟଗ୍ରହଣ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିବ । ମୁଖ୍ୟତଃ କୋଭିଡ୍ କଟକଣା ମଧ୍ୟରେ କିଭଳି ଭୋଟଦାନ




କରାଯାଇପାରିବ, ଇଭିଏମ-ଭିଭିପାଟ ମେସିନର ବ୍ୟବହାର ଏବଂ ଉପ-ନିର୍ବାଚନରେ ଭୋଟରମାନଙ୍କ ସହାୟତା ନିମନ୍ତେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସ୍ଥାପନ କରାଯାଇଥିବା ସହାୟକ ବୁଥ୍ ବାବଦରେ ଏହି ରଥସବୁ ମତଦାତାମାନଙ୍କୁ ସଚେତନ କରାଇବେ । ଏତଦ୍ ଭିନ୍ନ ଉପ-ନିର୍ବାଚନ ବାବଦରେ ରହିଥିବା ଅନ୍ୟାନ୍ୟ ସନ୍ଦେହକୁ ମଧ୍ୟ ଏହା ଦୂର କରିବ । ଏହି ରଥଗୁଡିକ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସେକ୍ଟର ୱାରୀ ପରିକ୍ରମା କରି ମତଦାତାମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବେ । ଏଥିପାଇଁ ସେକ୍ଟର ଅଧିକାରୀ ଓ ବୁଥ୍ସ୍ତରୀୟ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି । ଏହା ଦ୍ୱାରା ମତଦାତାମାନେ ଅଧିକ ସଚେତନ ହୋଇପାରିବେ ବୋଲି ଜିଲ୍ଲାପାଳ ଆଶାପ୍ରକଟ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ସହକାରୀ ଜିଲ୍ଲାପାଳ,ନିର୍ବାଚନ ଶ୍ରୀ ମନୋଜ ସେନାପତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଫକ୍ଷସ୍ପ;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଫକ୍ଷସ୍ପ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଫକ୍ଷସ୍ପ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡ୍‌ଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡ୍‌ଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡ୍‌ଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ । ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍ଆଇ ସୁବିଧା ପାଇପାରିବେ । ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍ଆଇ ସୁବିଧା ନେଇପାରିବେ ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧାର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାରମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

# ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତ୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତ୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ । ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତ୍ତୀ ସେବା ଅନ୍ତର୍ଗତ ମଧ୍ୟ ଯୋଗାଇ ଦିଆଯାଇଥାଏ ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତ୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଦବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱ୍ହେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ୍‌ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍' ।" ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

Bhubaneswar Wednesday April 10, 2024 | ଭୁବନେଶ୍ୱର ବୁଧବାର, ଅପ୍ରେଲ ୧୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ପଟାଙ୍ଗି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପରିବର୍ତ୍ତନ ସକାଶେ ଜନ ସମାବେଶ

ସେମିଳିଗୁଡା:(ପି ଏ ନ) କୋରାପୁଟ ଜିଲ୍ଲା ପଟାଙ୍ଗି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପରିବର୍ତ୍ତନ ସକାଶେ ଜନ ସମାବେଶ ଆନ୍‌ଦୋଳନ କରିଥିଲେ। ବିଧାନସଭା ଆସନ ସକାଶେ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ପକ୍ଷରୁ ପଟାଙ୍ଗି ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ସଦସ୍ୟ ରାମଚନ୍ଦ୍ର କାଡ଼ାମଙ୍କ ନାମ ଘୋଷଣା କରାଯାଇଛି।ପଟାଙ୍ଗି ନିର୍ବାଚନ ମଣ୍ଡଳୀର ବିଧାନସଭା ଆସନ ସକାଶେ । କଂଗ୍ରେସ ପକ୍ଷରୁ ପଟାଙ୍ଗି ବିଧାନସଭା ଆସନ ସକାଶେ ରାମଚନ୍ଦ୍ର କାଡ଼ାମ ନାମ ଘୋଷଣା ପରେ ଦଳୀୟ ଅସନ୍ତୋଷ ବୃଦ୍ଧି ପାଇଛି।ସମ୍ପା ପାଙ୍ଗିଙ୍କ ନାମକୁ ପରିବର୍ତ୍ତନ କରାନଗଲେ ଆଗାମୀ ଦିନରେ ଏକ ବିସ୍ଫ ?ରକ ପରିସ୍ଥିତି ସୃଷ୍ଟି ହେବା ସହ ୫ ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମକର୍ତ୍ତା ଦଳରୁ ପ୍ରାଥମିକ ସଦସ୍ୟରୁ ସମୁହ ଉସ୍ତଫା ଦେବା ସହ ନିର୍ବାଚନ ସମୟରେ ସଠିକ୍ ଜବାବ ଦିଆଯିବ ବୋଲି ସଂପୃକ୍ତ ଦଳୀୟ କର୍ମୀମାନେ ଚରମବାଣୀ ଶୁଣାଇଛନ୍ତି। ପ୍ରକାଶ ଥାଉକି, କଂଗ୍ରେସ ପକ୍ଷରୁ ମଙ୍ଗଳବାର ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା।ପଟାଙ୍ଗି ବିଧାନସଭା ଆସନ ସକାଶେ ରାମଚନ୍ଦ୍ର କାଡ଼ାମ ନାମ ଘୋଷଣା ପରେ ରାମଚନ୍ଦ୍ର କାଡ଼ାମଙ୍କ



ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମଙ୍ଗଳବାର ଅପରାହ୍ନ ୧୨ ଘଣ୍ଟିକାରେ କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ୍ ସୁବାଇ ହାଟ ପଦା ପରିସରରେ ବରିଷ୍ଠ କର୍ମୀ ସାମ୍ପା ପାଙ୍ଗିଙ୍କ ଅଧ୍ୟକ୍ଷତାରେ ଏକ ଦଳୀୟ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ମାଟିର ପୁଅକୁ ଅଣଦେଖା କରି ବାରମ୍ବାର ହାରିଥିବା ବ୍ୟକ୍ତିଙ୍କୁ ପଟାଙ୍ଗି ଆସନରୁ ପ୍ରାର୍ଥୀ କରାଯିବାକୁ ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ବୈଠକର ନିଷ୍ପତି ପରେ ୫ ଶହରୁ ଉର୍ଦ୍ଧ୍ୱ କର୍ମୀ, ପଟାଙ୍ଗି, ନନ୍ଦ ପୁର,ସେମିଳିଗୁଡା ଠାରୁ ବାହାରି ସୁବାଇ ପହଞ୍ଚିଥିଲେ। ସୁବାଇ ଛକରୁ ଏକ ବିରାଟ ଶୋଭାଯାତ୍ରାରେ କରିଥିଲେ। କଂଗ୍ରେସ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିବା ସହ ନାମ ପରିବର୍ତ୍ତନଶୀଳ ସକାଶେ ଦଳୀୟ କର୍ମୀମାନେ ହୋହାଲ୍ଲା କରିଥିଲେ। ଏପରିକି ଦଳୀୟ କର୍ମୀ ମାନେ ପରିସ୍ଥିତି ସୃଷ୍ଟି ହୋଇଥିଲା। ପଟାଙ୍ଗି ବିଧାନସଭା ଆସନ ସକାଶେ ଦଳ ପକ୍ଷରୁ ଘୋଷଣା କରାଯାଇଥିବା ମଧ୍ୟରେ ପରିବର୍ତ୍ତନ କରାଯିବାକୁ ଦାବି ଜଣାଇଛନ୍ତି।ସୁବାଇ ଛକରୁ ଏକ ବିରାଟ ଶୋଭାଯାତ୍ରାରେ କରିଥିଲେ।କଂଗ୍ରେସ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିବା ସ ?ହ ନାମ ପରିବର୍ତ୍ତନଶୀଳ ସକାଶେ ଦଳୀୟ କର୍ମୀମାନେ ହୋହାଲ୍ଲା କରିଥିଲେ। ପଟାଙ୍ଗି ବିଧାନସଭା ଆସନ ସକାଶେ ଦଳ ପକ୍ଷରୁ ଘୋଷଣା କରାଯାଇଥିବା ମଧ୍ୟରେ ପରିବର୍ତ୍ତନ କରାଯିବାକୁ ପିସିସି, ଡିସିସିଙ୍କୁ ଲିଖିତ ଦାବି ପତ୍ର ଦେଇ ଥିବା ସୂଚନା ଦେଇଛନ୍ତି। ଏକ ସପ୍ତାହ ଭିତରେ ପରିବର୍ତ୍ତନ ନ ହେଲେ ସ୍ୱାଦିନ କଂଗ୍ରେସ ପ୍ରାର୍ଥୀ ଭାବେ ସାମ୍ପା ପାଙ୍ଗୀଙ୍କୁ ମୋଇଦାନ ଉଲ୍ଲାଇବୁ ବୋଲି କଂଗ୍ରେସର ଟାଣୁଆ ନେତା,କର୍ମୀ ମାନେ କହିଛନ୍ତି।

## ଆରଏସ୍ଏସ୍ ତରଫରୁ ରାଷ୍ଟ୍ରୀୟ ନବବର୍ଷ ପାଳନ

ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଭୁବନେଶ୍ୱର ମହାନଗର ତରଫରୁ ମଙ୍ଗଳବାର ଦିନ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଂଘ ତରଫରୁ ମହାନଗରର ୫ଟି ସ୍ଥାନ ଚନ୍ଦକା ବଜାରର ଚନ୍ଦକା କ୍ଲବ ପଡିଆ, ପ୍ରାଚୀ ବିହାରର ବୁଢାବୁଢୀ ପଡିଆ, ସହୀଦ୍ ନଗର ଦୁର୍ଗାପୂଜା ପଡିଆ,ଡୁମୁଡୁମାର ଓଡିଶା ପବ୍ଲିକ ସ୍କୁଲ ପରିସର,ସୁନ୍ଦରପଦାରର ଏମ ଏମ ମାର୍ଟ ସାମ୍ନା ପଡିଆରେ ବର୍ଷପ୍ରତିପଦା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ପାଂଚଟି ସ୍ଥାନରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂସେବକମାନଙ୍କର ବିଶାଳ ପଥ ସଂଚଳନ ବାହାରି ଭୁବନେଶ୍ୱର ମହାନଗରର ବିଭିନ୍ନ ଅଂଚଳ ପରିକ୍ରମା କରିଥିଲା । ପୂର୍ଣ୍ଣଗଣବେଶରେ ବୀରବାଦ୍ୟ ବଜାଇ ସ୍ୱୟଂସେବକମାନେ ପଥ ସଂଚଳନରେ ଗଲାବେଳେ ପଥ ମଧ୍ୟରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଉତ୍ସବ ସ୍ଥାନରେ ସ୍ୱୟସେବକମାନଙ୍କ ଦ୍ୱାରା ସୂର୍ଯ୍ୟନମସ୍କାର, ଯୋଗ, ବ୍ୟାୟାମ ଏବଂ ବିଭିନ୍ନ ପ୍ରକାର କଳା କୌଶଳ ପ୍ରଦର୍ଶନ କରାଯାଇଥିଲା। ଶ୍ରୀରାମ ଭାଗ ତରଫରୁ ସହୀଦ୍ ନଗର ଦୁର୍ଗାପୂଜା ପଡିଆରେ ଅନୁଷ୍ଠିତ ବର୍ଷ ପ୍ରତିପଦା ଉତ୍ସବରେ ସଂଘର ଖୋର୍ଦ୍ଧା ଜିଲ୍ଲା ଓ ଭୁବନେଶ୍ୱର ମହାନଗର ପ୍ରଚାରକ ରାଜେଶ୍ୱର ରାଉତ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ପାଶ୍ଚତ୍ୟ ନବବର୍ଷ ଓ ଭାରତୀୟ ନବବର୍ଷ ଉପରେ ଆଲୋକପାତ କରିଥିଲେ ।



ସହୀଦ ନଗର ଦୁର୍ଗାପୂଜା ପଡିଆରୁ ବାହାରିଥିବା ପଥ ସଂଚଳନ ସହିଦ ସ୍ପୋର୍ଟିଂ, ସହିଦ ମାର୍କେଟ, ହାଇସ୍କୁଲ, ଇମ୍ପାପାର୍କ, ବିଷ୍ଣୁ ମନ୍ଦିର, ପାଣିଟାଂକି, ସହିଦ ନଗର ହାଟ ହୋଇ ଉତ୍ସବ ସ୍ଥାନରେ ପହଁଚି ଥିଲା । ସେହିପରି ଚନ୍ଦ୍ରଶେଖରପୁର ଭାଗରେ ପୁରୀ ବିଭାଗ ପ୍ରଚାର ପ୍ରମୁଖ ଜୟକୃଷ୍ଣ ପୃଷ୍ଟି,ବାସନ୍ତୀ ଦୁର୍ଗା ଭାଗରେ ଚିନ୍ମୟ ଶତପଥି, ଖଣ୍ଡଗିରି ଭାଗରେ ବିଭାଗ କାର୍ଯ୍ୟବାହ ପ୍ରସନ୍ନ କୁମାର ସେନାପତି ଓ ଲିଙ୍ଗରାଜ ଭାଗରେ ସୁବ୍ରତ କୁମାର ତ୍ରିପାଠୀ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ।ଚୈତ୍ର ଶୁକ୍ଳ ପ୍ରତିପଦାକୁ ରାଷ୍ଟ୍ରୀୟ ନବ ବର୍ଷ ଭାବରେ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଭଗବାନ ବ୍ରହ୍ମା ଏହି ଦିନ କାଳଗଣନା ଆରମ୍ଭ କରିଥିଲେ । ଦେବୀଦେବତା ମାନେ ସୃଷ୍ଟିର ସଂରଚନା ଆରମ୍ଭ କରିଥିଲେ ବୋଲି ଅଥର୍ବ ବେଦରୁ ଜଣାଯାଏ । ଶାସ୍ତ୍ର ଅନୁଯାୟୀ ଚାରି ଯୁଗର ପ୍ରଥମ ସତ୍ୟଯୁଗର ଆରମ୍ଭ ଏହି ଦିନ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। ରାଜା ବିକ୍ରମାଦିତ୍ୟଙ୍କ ପରି ଶାଳିବାହନ ହୁଣ ଓ ଶାକଙ୍କୁ ପରାସ୍ତ କରି ଭାରତରେ ସର୍ବୋତମ ରାଜ୍ୟ ପ୍ରତିଷ୍ଠା କରିବାକୁ ଏହି ଦିନ ବାଛିଥିଲେ। ତେଣୁ ଏହି ଦିନ ଶକାବ୍ଦ ଏବଂ ଶାଳିବାହାନାବ୍ଦ ଆରମ୍ଭ ହୋଇଥିଲା । ବିକ୍ରମ ସମ୍ବତ୍ ମଧ୍ୟ ପ୍ରଚଳନ ହୋଇଥିଲା । ଏହି ଦିନକୁ ଭଗବାନ ଶ୍ରୀ ରାମଙ୍କ ରାଜ୍ୟଭିଶେକ ଦିବସ ଭାବରେ ମଧ୍ୟ ବିବେଚନା କରାଯାଏ। ଶକ୍ତି ଏବଂ ଭକ୍ତିର ନଅ ଦିନ ଅର୍ଥାତ୍ ଏହା ହେଉଛି ନବରାତ୍ରି ର ପ୍ରଥମ ଦିନ । ଏହା ହେଉଛି ଶିଖମାନଙ୍କର ଦ୍ୱିତୀୟ ଗୁରୁ ଶ୍ରୀ ଅଙ୍ଗଦଦେବଙ୍କର ଜନ୍ମଦିନ। ଏହି ଦିନ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ। ଏହି ଦିନ ସିନ୍ଧ ପ୍ରଦେଶର ପ୍ରସିଦ୍ଧ ସମାଜରକ୍ଷକ ସନ୍ଥ ଝୁଲେଲାଲଙ୍କ ଜନ୍ମଦିନ। ଏହି ଦିନ ସମ୍ରାଟ ଯୁଧିଷ୍ଠିରଙ୍କ ମଧ୍ୟ ରାଜ୍ୟଭିଶେକ ହୋଇଥିଲା। ଏହି ଶୁଭ ଦିନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡ଼କ୍ଟର କେଶବ ବଳିରାମ ହେଡଗେୱାର ଜନ୍ମ ଗ୍ରହଣ କରିଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।
ସଂଧ୍ୟାସମୟରେ ଭୁବନେଶ୍ୱର ମହାନଗରରର ୧୫ଟି ସ୍ଥାନରେ ପ୍ରବଚନ, ଭଜନସଂଧ୍ୟା, ସାମୂହିକ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ୨୪ ବର୍ଷର ନବୀନ ସରକାର ଶାସନରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର,(ପି.ଏନ) : ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ପ୍ରତ୍ୟେକ ଦିନ ମହିଳାଙ୍କ ଉପରେ ଅତ୍ୟାଚାର, ଧର୍ଷଣ, ଚୋରୀ ଡକାୟତି, ରାଜନୈତିକ ହିଂସା ଆଦି ବିଭିନ୍ନ ଘଟଣା ସାମ୍ନାକୁ ଆସୁଛି କିନ୍ତୁ ଅପରାଧିକୁ ଧରିବାରେ ବିଫଳ ପୁଲିସ୍। ଅପରାଧକୁ ନିୟନ୍ତ୍ରଣ କରିବା ଦିଗରେ ଅସଫଳ ରାଜ୍ୟରେ ଶାସନ କରୁଥିବା ନବୀନ ସରକାର। ଶାସକ ଦଳର ନେତା ଓ କର୍ମୀଙ୍କ ଇଙ୍ଗିତରେ ଘଟୁଛି ବିଭିନ୍ନ ଅପରାଧିକ ଘଟଣା କିନ୍ତୁ ଏ ସବୁକୁ ଘଂଟ ଘୋଡାଉଛି ପୁଲିସ ପ୍ରଶାସନ। ପିପିଲି ଗଣଧର୍ଷଣ ଇତିଶ୍ରୀ, ମାଧବୀଲତା, କୁନ୍ଦୁଲୀ, ସ୍ମିତାରାଣୀ, ମମିତା ମେହେର, ପରୀ ଏ ସମସ୍ତ ପ୍ରସଙ୍ଗରେ ନବୀନ ସରକାର ପିଡ଼ିତା ପରିବାରକୁ ନ୍ୟାୟ ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଆୟୁଷ ଡାକ୍ତରାଣୀଙ୍କର ମର ଶରୀର ଏବେ ସୁଧା କ୍ରାଇମବ୍ରାଂଚ ଖୋଜିପାରୁନାହିଁ। ଏ ସବୁ ଘଟଣା ରାଜ୍ୟ ସରକାରଙ୍କର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠୁଛି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି।ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଭାରତ ବର୍ଷର ବିରଳତମ ଘଟଣା ମୁଖ୍ୟମନ୍ତ୍ରୀଙ୍କ କ୍ୟାବିନେଟ୍




ସହଯୋଗୀ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଦିନ ଦ୍ୱିପହରେ ଗୁଳିକରି ହତ୍ୟା କରାଗଲା କିନ୍ତୁ ଆଜିପର୍ଯ୍ୟନ୍ତ ଏ ଘଟଣାର ପ୍ରଚ୍ଛଦପଟ୍ଟର ନାୟକକୁ ଚିହ୍ନଟ କରିବାରେ ଅସଫଳ ହୋଇଛନ୍ତି ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୃହ ବିଭାଗର ମୁଖ୍ୟ ଭାବେ ସେ ଏ ପର୍ଯ୍ୟନ୍ତ ଘଟଣା ସମ୍ବନ୍ଧରେ ପଦୁଟିଏ ପାଟି ଖୋଲିଲେ ନାହିଁ। ଯେଉଁ ମୁଖ୍ୟମନ୍ତ୍ରୀ ନିଜର କ୍ୟାବିନେଟ୍ ସହଯୋଗୀଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ସେ ରାଜ୍ୟର ସାଢ଼େ ଚାରି କୋଟି ଓଡ଼ିଆ ଲୋକଙ୍କୁ କେଉଁ ପ୍ରକାର ସୁରକ୍ଷା ଦେବେ ଏହା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରୁଛି। ଏ ସମସ୍ତ ଘଟଣା ମୁଖ୍ୟମନ୍ତ୍ରୀଙ୍କର ଅସହାୟତା ଦର୍ଶାଉଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ବିଜେଡ଼ି ଓ ବିଜେପିର ଅନୈତିକ ସଂପର୍କ ବା ମେଂଟ ପରି ଓଡ଼ିଶା ସରକାରଙ୍କ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଂଚ ଓ କେନ୍ଦ୍ର ସରକାରଙ୍କର ତଦନ୍ତକାରୀ ସଂସ୍ଥା ସିବିଆଇ ଉଭୟଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅପରାଧି ଖସୁଛନ୍ତି। ଏନ୍‌ସିଆରବି ତଥ୍ୟ କହୁଛି ରାଜ୍ୟରେ ଦଣ୍ଡହାର ସାରା ଦେଶ ତୁଳନାରେ ସର୍ବନିମ୍ନ। କଂଗ୍ରେସ ପ୍ରଶ୍ନ କରିବାକୁ ଚାହୁଁଛି ଆୟୁଷ ଡାକ୍ତରାଣୀ ମାଧବୀଲତାଙ୍କ ଶବ କେଉଁଠି ମନ୍ତ୍ରୀ ନବ ଦାସଙ୍କ ପ୍ରକୃତ ହତ୍ୟାକାରୀକୁ ରାଜ୍ୟ ସରକାର କେବେ ଧରିବେ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମିଶ୍ର। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାସ ଓ ଇଂ ନଳିନୀକାନ୍ତ ନାୟକ ଉପସ୍ଥିତ ଥିଲେ।

## ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପକ୍ଷରୁ ଜଳଛତ୍ର ଓ ଅଂଶୁଘାତ ଜନିତ ସଚେତନତା

ଦର୍ପଣ,(ପି.ଏନ): ଯାଜପୁରରେ ଜିଲ୍ଲାଚଣ୍ଡିଖୋଲ ଟ୍ରକ୍ମାଲିକ ସଂଘ ପକ୍ଷରୁ ଆଜି ଏକ ଜଳଛତ୍ର କେନ୍ଦ୍ର ଖୋଲାଯିବା ସହ, ଲୋକମାନଙ୍କୁ ଅଂଶୁଘାତ ରୁ ରକ୍ଷା ପାଇବା ପାଇଁ ସଚେତନତା ପତ୍ର ବଣ୍ଟନ କରାଯାଇଛି,ଜଳ ହିଁ ଜୀବନ,ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରିରହିଥିବା ବେଳେ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ତରଫରୁ ସଙ୍ଗ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଅଛି, ପଥଚାରୀଙ୍କୁ ଜଳକଷ୍ଟରୁ ମୁକ୍ତି, ଓ ଅଂଶୁଘାତ ରୁ ରକ୍ଷା କରିବା ପାଇଁ ଟ୍ରକ୍ ମାଲିକ ସଂଘର ଏପରି ପଦକ୍ଷେପ ପ୍ରତିବର୍ଷ ନିଅନ୍ତି,ଏହି ଜଳଛତ୍ରକେନ୍ଦ୍ର କୁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଟ୍ରାଫିକ ଇନ୍‌ସପେକ୍ଟର ଯୁଗଳ କିଶୋର ତିରିଆ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଜହର ଆବେଦିନ, ସଂଘ ଉପଦେଷ୍ଟା ଚନ୍ଦନ କୁମାର ନାୟକ,ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ, ପ୍ରଥମେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ୍




ନାୟକ, ସମ୍ପାଦକ କ୍ରିତିରାଜ୍ ସ୍ୱାଇଁ,ଦୁଇ ଅତିଥି ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବୋଧିତ କରିଥିଲେ,ପରେ ଶ୍ରୀ ତିରିଆ ରିବନ ଫିତା କାଟି ଜଳଛତ୍ରକେନ୍ଦ୍ର କୁ ଉଦଘାଟନ କରି ପଥଚାରି ମାନକୁ ଜଳ ପ୍ରଦାନ କରିବା ସହ ସଚେତନତା ପତ୍ର ବାଣ୍ଟି ସଚେତନ କରାଇଥିଲେ, ଚଣ୍ଡିଖୋଲ ରେ ଏ ବର୍ଷ ପ୍ରଥମ ଜଳଛତ୍ର ଟ୍ରକ ମାଲିକ ସଂଘ ଖୋଲିଥିବାରୁ ଏ ଅଞ୍ଚଳ ର ବୁଦ୍ଧିଜୀବୀ ମାନେ ତାଙ୍କୁ ଭୁରୀ ଭୁରୀ ପ୍ରଂଶସା କରିଥିବାର ଦେଖିବାକୁ ମିଳିଛି,ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ବିଜୟ ପାଲ ଯାଦବ, ଦେବରଞ୍ଜନ ସ୍ୱାଇଁ,ଉମେଶ ଜେନା, ବୈକୁଣ୍ଠ ସ୍ୱାଇଁ, ବୈକୁଣ୍ଠ ପଲାଇ, ମାନସ ରଞ୍ଜନ ନାୟକ,ସତ୍ୟବ୍ରତ ଖଣ୍ଡାଇ, ସତ୍ୟଜିତ୍ ବଳ,ବିଶ୍ୱଜିତ୍ ବିଶ୍ୱାଳ, ଜାହିଦ୍ ଖାନ୍, ତୁହିନାଂଶୁ ନାୟକ,ସମତେ ଅନେକ ସଂଘ କାର୍ଯକର୍ତ୍ତା ମାନେ ଉପସ୍ଥିତ ରହି ପଥଚାରିମାନଙ୍କୁ ଜଳ ବଣ୍ଟନରେ ସାହାଯ୍ୟ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray